Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182

Rs - 5.00

ଭାଗ:୨, ସଂଖ୍ୟା: ୦୩, ଭୁବନେଶ୍ୱର, ଡିସେମ୍ବର ୦୨-୦୮, ୨୦୨୪, Vol: 2, Issue: 03, Bhubaneswar, December 02-08, 2024, Pages- 8

# ପ୍ରାଇଭେଟ୍ ହସ୍ପିଟାଲ୍: ପାର୍କିଂ ଯନ୍ତ୍ରଣା

**ଜ୍ଞାନ ରଞ୍ଜନ ମିଶ୍ର**

ପ୍ରାଇଭେଟ୍ ହସ୍ପିଟାଲରେ ଗାଡି ପାର୍କିଂ ଏକ ମୁଖ୍ୟ ସମସ୍ୟା ଭାବରେ ଉଭାହେଇଛି। ରୋଗ ଯନ୍ତ୍ରଣାଠୁ ଗାଡି ପାର୍କିଂ ଚିନ୍ତା ଏବେ ସଭିଙ୍କର ମୁଣ୍ଡବିନ୍ଧାର କାରଣ ହେଲାଣି। ଦିନକୁ ଦିନ ନୂଆ ନୂଆ ରୋଗ ବଢିବା ସହିତ ପ୍ରାଇଭେଟ୍ ହସ୍ପିଟାଲ କର୍ତ୍ତୃପକ୍ଷ ନିଜର ବିଭାଗ, ବିଲ୍ଡିଙ୍ଗ୍ ବେଡ୍ ଓ ଡାକ୍ତର ସଂଖ୍ୟା ବଢାଇ ଚାଲିଛନ୍ତି। ସେମାନଙ୍କର ନିଘା ନାହିଁ କହିଲେ ଚଳେ। ହସ୍ପିଟାଲ୍ କୁ ଆସୁଥିବା ଗାଡି ଅନୁସାରେ ପାର୍କିଂ ସ୍ଥାନ ଯଥେଷ୍ଟ ନାହିଁ।

ଭୁବନେଶ୍ୱରରେ ଅବସ୍ଥିତ ଆପୋଲୋ ହସ୍ପିଟାଲ୍, ମନିପାଲ୍ (ପୂର୍ବରୁ ଆମ୍ରି) ହସ୍ପିଟାଲ୍, କେୟାର ହସ୍ପିଟାଲ ଅଞ୍ଚଳରେ ଥରେ ଯାଇ ବୁଲି ଆସିଲେ ଜଣେ ସହଜରେ ବୁଝିପାରିବ ଓ ଅନୁଭବ କରି ପାରିବ ଗାଡ଼ି ଆଣି ଆସିଥିବା ରୋଗୀଙ୍କ ସମ୍ପର୍କୀୟ ଓ ଡ୍ରାଇଭର୍ ମାନଙ୍କର





ଇର୍ଷଣୀୟ ନାମ। ଏଠାରେ ଥିବା ପାର୍କିଂ ବ୍ୟବସ୍ଥାର ସ୍ଥିତି ଗ୍ରାଉଣ୍ଡ ଜିରୋରେ ଯାଇ ଆମ ଟିମ୍ ଅନୁଧ୍ୟାନ କରିଥିଲା। ରୋଗୀର ସମ୍ପର୍କୀୟ ରୋଗୀକୁ ଆଣି ହସ୍ପିଟାଲର ଅଭ୍ୟର୍ଥନା ସ୍ଥଳ ବା ମୁଖ୍ୟ ଫାଟକ ସାମ୍ନାରେ ଛାଡ଼ିଦେବା ପରେ, ଗାଡ଼ି ପାର୍କିଂ ପାଇଁ ସ୍ଥାନ ନପାଇ ବାହାରକୁ ଯାଇ ଏକ ରୁ ଦୁଇ କି.ମି ଦୂରରେ ଗାଡ଼ି ରଖି ଚାଲିଚାଲି ଆସି ରୋଗୀ କଥା ବୁଝିବା ହସ୍ପିଟାଲକୁ ଯିବା ବାଟରେ ଆଚାର୍ଯ୍ୟ ବିହାର ନିକଟରେ ଥିବା ପଠାଣି ସାମନ୍ତ ପ୍ଲାନେଟୋରିୟମ ପରଠାରୁ ଦୀର୍ଘ ଦୁଇ କିଲୋମିଟର ପର୍ଯ୍ୟନ୍ତ ସୈନିକ ସ୍କୁଲ ଛକ ଓ ହସ୍ପିଟାଲ ବାମ ପାର୍ଶ୍ୱରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ଯାଇଥିବା ରାସ୍ତାର ଦୁଇ କଡରେ ପ୍ରାୟ ଦୂରଦର୍ଶନ କେନ୍ଦ୍ର ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ଓ ବେନିୟମ ଭାବେ ରୋଗୀର ସମ୍ପର୍କୀୟ

ଏହାଦ୍ୱାରା ଆମେ ସାଧାରଣ ଜନତା ଉପକୃତ ହେଉଛୁ ସତ କିନ୍ତୁ ହସ୍ପିଟାଲ୍ ମଧ୍ୟ ରୋଜଗାରକୁ ଦ୍ୱିଗୁଣିତ କରିପାରିଛି। ଏବେ ସ୍ୱାସ୍ଥ୍ୟ ସଚେତନତା ବଢିଛି, ସେଥିସହିତ ପଇସା ନଥିବା ଏବଂ ସାଧାରଣ ରୋଜଗାର କରୁଥିବା ବ୍ୟକ୍ତିଟି ମଧ୍ୟ ତାର ସୁନା-ଗହଣା ବିକ୍ରି କରି ଚିକିତ୍ସିତ ହେବାପାଇଁ ବଡ ଓ ଭଲ ପ୍ରାଇଭେଟ୍ ହସ୍ପିଟାଲରେ ଆସି ଚିକିତ୍ସା ଚାହୁଁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ପ୍ରାଇଭେଟ୍ ହସ୍ପିଟାଲ୍-ମାନଙ୍କରେ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣା ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଏହିସବୁ କାରଣରୁ ଆଜିକାଲି ପ୍ରାଇଭେଟ୍ ହସ୍ପିଟାଲ୍ ମାନଙ୍କରେ ଅସମ୍ଭାଳ ଭିଡ ହେଉଛି।

ହସ୍ପିଟାଲ୍ ଭିତରେ ରୋଗୀ ଓ ସମ୍ପର୍କୀୟମାନଙ୍କ ଭିଡ ଆଉ ହସ୍ପିଟାଲ ବାହାରେ ଯାନବାହାନ ଭିଡ। ଭିତରର ଭିଡକୁ ନିୟନ୍ତ୍ରଣ କରିବା ପାଇଁ ହସ୍ପିଟାଲ୍ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କ ମାଧ୍ୟମରେ ବ୍ୟବସ୍ଥା କରୁଥିବା ବେଳେ ବାହାରର ଯାନବାହାନ ଭିଡ ପାଇଁ

**➲ ରୋଗୀ ବଢୁଛନ୍ତି କିନ୍ତୁ ପାର୍କିଂ ସ୍ଥଳ ବଢୁନି**

**➲ ରୋଗୀକୁ ଛାଡ଼ି ଗାଡ଼ି ପାର୍କିଂ କରି ଆସି ପହଞ୍ଚିବା ବେଳକୁ ଜୀବନ ଚାଲି ଯିବାର ସମ୍ଭାବନା**

**➲ ବିଭାଗ, ବିଲ୍ଡିଙ୍ଗ୍ ଓ ବେଡ୍ ବଢ଼ାଇବା ଉପରେ ହସ୍ପିଟାଲର ଗୁରୁତ୍ୱ**

ଯନ୍ତ୍ରଣା କେତେ ଅଧିକ। ଏଠାରେ ଉଦାହରଣ ସ୍ୱରୂପ ଆପୋଲୋ ହସ୍ପିଟାଲ୍ ର ପାର୍କିଂ ସ୍ଥିତି ବିଷୟରେ ପାଠକ ଓ ପ୍ରଶାସନର ଅବଗତି ନିମନ୍ତେ ଉପସ୍ଥାପନା କରୁଅଛୁ।

ଆପୋଲୋ ଗ୍ରୁପର ଏହି ୪୯ତମ ଅତ୍ୟାଧୁନିକ ହସ୍ପିଟାଲ୍ ଟି ୨୦୧୦ ମସିହା ମାର୍ଚ୍ଚ ୫ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି ହସ୍ପିଟାଲ୍ ରେ ସେତେବେଳେ ୩୫୦ ବେଡ୍, ୬୪ ଆଇ.ସି.ୟୁ ବେଡ୍ ଥିଲା। ଆଜି ରୋଗୀ ସେବା କ୍ଷେତ୍ରରେ ଆପୋଲୋ ହସ୍ପିଟାଲ ଏକ ବେଳକୁ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ। ତୁରନ୍ତ ଚିକିତ୍ସା ଚାହୁଁଥିବା କିମ୍ବା ବୟସାଧିକ ରୋଗୀମାନେ ସେହି ସମୟରେ ହସ୍ପିଟାଲରେ ପହଞ୍ଚି ସାରିଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ବା ଯତ୍ନ ପାଇବାରୁ ବଞ୍ଚିତ ହୋଇଥାନ୍ତି କେବଳ ପାର୍କିଂ ସମସ୍ୟା ପାଇଁ।

ହସ୍ପିଟାଲ୍ ଭିତରେ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପାର୍କିଂ ସ୍ଥଳ ଓ କର୍ମଚାରୀଙ୍କ ମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ପାର୍କିଂ ସ୍ଥଳ ରେ ଅତି ବେଶୀରେ ୧୦୦ ଖଣ୍ଡ ଗାଡ଼ି ରଖିବାର କ୍ଷମତା ଥିବା ବେଳେ ତା'ଠାରୁ କାହୁଁ କେତେ ଗୁଣା ଅଧିକ ଗାଡ଼ି ଆସି ଏଠାରେ ପହଞ୍ଚିଥାଏ। ମାନେ, କୌଣସି ଉପାୟ ଓ ବିକଳ୍ପ ନପାଇ ନିଜ ନିଜର ମୂଲ୍ୟବାନ ଗାଡ଼ି ସବୁକୁ ପାର୍କିଂ କରି ଦେଇଥାନ୍ତି। ଅନେକ ସମୟରେ ସାଧାରଣ ଜନତା ଏହି ବେନିୟମ ପାର୍କିଂ ଯୋଗୁ ରାସ୍ତାରେ ନାହିଁ ନଥିବା ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଗାଡ଼ି ମାଲିକମାନେ ବି ଅନେକ ସମୟରେ ବେନିୟମ ପାର୍କିଂ ପାଇଁ ପ୍ରଶାସନିକ କଟକଣା ସମ୍ମୁଖୀନ ହୋଇ ମୋଟା ଅଙ୍କର ଜୋରିମାନା ଦେଇଥାନ୍ତି। କେତେବେଳେ ଟ୍ରାଫିକ ପୋଲିସ୍ ନେଇ ଯାଇଥିବା ଗାଡ଼ିକୁ ଫାଇନ ଦେଇ ମୁକୁଳାଇ ଆଣିଥାନ୍ତି।

**ଏଥିପାଇଁ ଦାୟୀ କିଏ ?**

ହସ୍ପିଟାଲ, ଗାଡ଼ି ମାଲିକ ନା ପୋଲିସ୍? ନିକଟରେ ହୋଇଥିବା ବି.ଏମ୍.ସି ମିଟିଙ୍ଗ୍ ଦିନ ଏସବୁ ପାର୍କିଂ ସମସ୍ୟା ବିଷୟରେ ଆଲୋଚନା ହୋଇ ୧୭ଟି ପଇସାଦିଆ (ପେଡ୍) ପାର୍କିଂ ପାଇଁ ନୂଆ ସ୍ଥାନ ବଛାଯାଇଛି। କିନ୍ତୁ ତାହା କଣ ଏତେ ବଡ ସମସ୍ୟାର ସମାଧାନ କରିପାରିବ? ବୁଦ୍ଧିଜୀବୀମାନେ ମତ ଦିଅନ୍ତି, ହସ୍ପିଟାଲ୍ କାହିଁକି ନିଜର ଜାଗା ଥିବା ସତ୍ତ୍ୱେ ଏକ ଅତ୍ୟାଧୁନିକ ପାର୍କିଂ ସ୍ଥଳ ନିର୍ମାଣ କରୁନାହିଁ? ବିଲ୍ଡିଂ ଓ ବେଡ୍ ସଂଖ୍ୟା ବଢାଇବା ଭଳି ପାର୍କିଂ ସ୍ଥାନ ମଧ୍ୟ ବଢ଼ାଇବା ଉଚିତ୍। ଉଦାହରଣ ଭାବେ ଯଦି ଦେଖିବା ଚେନ୍ନାଇ ସହରରେ ଥିବା ଆପୋଲୋ ଗ୍ରୁପ୍ ର ପ୍ରଥମ ହସ୍ପିଟାଲ୍ ରେ ଟ୍ରାଫିକ ଓ ପାର୍କିଂ ସମସ୍ୟାକୁ ନଜରରେ ରଖି ୨୦୧୮ ମସିହାରେ ୪୩ କୋଟି ବ୍ୟୟରେ ଚାରି ହଜାର ବର୍ଗଫୁଟ ଅଞ୍ଚଳରେ ସାତ ମହଲା ବିଶିଷ୍ଟ (ସମୁଦାୟ ପଚିଶ ହଜାର ବର୍ଗଫୁଟ୍) ଅଟୋମେଟିକ ବହୁତଳ ବିଶିଷ୍ଟ ଯାନବାହାନ ପାର୍କିଂ ସ୍ଥଳ ନିର୍ମାଣ କରିଛି। ସ୍ୱୟଂଚାଳିତ ରୋବୋଟିକ ଜ୍ଞାନ କୌଶଳରେ ଏହା ନିର୍ମିତ ହୋଇଛି। ଏଥିରେ ଏକା ସାଙ୍ଗରେ ୨୫୦ଟି ଚାରିଚକିଆ ଓ ୨୦୦ଟି ଦୁଇଚକିଆ ଯାନ ନିର୍ଦ୍ଦ୍ୱନ୍ଦ୍ୱରେ ପାର୍କିଂ ହୋଇପାରୁଛି। ଏହି ଚାରି ହଜାର ବର୍ଗଫୁଟ ଜାଗା ପାଇଁ ବାର୍ଷିକ ୪୮ ଲକ୍ଷ ଟଙ୍କା ଲିଜ୍ ଭଡ଼ା ଆକାରରେ ଆପୋଲୋ କର୍ତ୍ତୃପକ୍ଷ ଚେନାଇ ମ୍ୟୁନିସପାଲ୍ କର୍ପୋରେସନକୁ ମଧ୍ୟ ଦେଉଛନ୍ତି। ଭୁବନେଶ୍ୱରରେ କଣ ବି.ଏମ୍.ସି ଓ ଆପୋଲୋ ହସ୍ପିଟାଲ୍ କର୍ତ୍ତୃପକ୍ଷ ମିଳିତ ଭାବରେ ଏଭଳି ଏକ ଅତ୍ୟାଧୁନିକ ପାର୍କିଂ ସ୍ଥଳୀ ନିର୍ମାଣ କରିବାକୁ ଅକ୍ଷମ ନା ସେଥିପାଇଁ ଆଗ୍ରହ ନାହିଁ? ବି.ଏମ୍.ସି, ରାଜ୍ୟ ସରକାର ଓ ଆପୋଲୋ ସମେତ ସବୁ ପ୍ରାଇଭେଟ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏ ଗମ୍ଭୀର ସମସ୍ୟାର ତୁରନ୍ତ ସମାଧାନ କରିବାକୁ ପ୍ରବଳ ଦାବି ହେଉଛି। ସମସ୍ୟାର ସମାଧାନ ହେଲେ ରୋଗୀ ହନ୍ତସନ୍ତରୁ ରକ୍ଷା ପାଇବା ସହିତ ସରକାର ମଧ୍ୟ ଭଲ ରାଜସ୍ୱ ଉପାର୍ଜନ କରିପାରନ୍ତେ।



## ସଂ ପା ଦ କୀ ୟ

# ମାଓବାଦୀ ଓ ନକ୍ସଲ କାର୍ଯ୍ୟକଳାପ

କିଛି ବର୍ଷର ନିରବତା ପରେ ବାମପନ୍ଥୀ ଉଗ୍ରବାଦ ଓଡ଼ିଶାରେ ପୁଣି ମୁଣ୍ଡ ଟେକୁଥିବାର ଲକ୍ଷ୍ୟ କରାଯାଉଛି। ମାଓବାଦୀ ବା ନକ୍ସଲ କାର୍ଯ୍ୟକଳାପକୁ ନିୟନ୍ତ୍ରଣାଧୀନ କରିବା କ୍ଷେତ୍ରରେ ଆମ ରାଜ୍ୟକୁ ବେଶ୍ ସଫଳତା ମିଳିଥିଲା ଏବଂ ସେମାନଙ୍କ ଦ୍ୱାରା କୌଣସି ବଡ଼ଧରଣର ହିଂସାକାଣ୍ଡ ଘଟି ନଥିଲା। ମାତ୍ର ଗତ ଦୁଇଦିନ ମଧ୍ୟରେ ଲାଲ୍‌ବାହିନୀରେ ପୁଣି ଥରେ ରକ୍ତମୁଖା ହୋଇ ଏକାଧିକ ସ୍ଥାନରେ ହିଂସାକାଣ୍ଡ ଘଟାଇଥିବାର ଖବର ହସ୍ତଗତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସାରା ରାଜ୍ୟ ଦୀପାବଳି ପର୍ବ ପାଳନ ପାଇଁ ଉତ୍ସବ ମୁଖର ଥିବା ବେଳେ କନ୍ଧମାଳ ଜିଲ୍ଲାରେ ହିଂସ୍ର ମାଓବାଦୀ ଦୁଇଟି ବର୍ବର କାଣ୍ଡ ଘଟାଇ ପୋଲିସ ଓ ପ୍ରଶାସନର ନିଦ ହଜାଇ ଦେଇଛନ୍ତି। ଦୀପାବଳି ସକାଳେ ସେମାନେ ବାଲିଗୁଡ଼ା ଥାନା ଅନ୍ତର୍ଗତ ଟିକରବାଙ୍କୁ ଗ୍ରାମରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ଉକ୍ତ ଯୁବକଙ୍କୁ ଘରୁ ଡାକିନେଇ ଗଳାକାଟି ହତ୍ୟା କରାଯାଇଥିଲା। ଏଭଳି ଅମାନୁଷିକ କାଣ୍ଡ ଘଟାଇବାର କିଛି ସମୟ ପରେ ସେଠାରୁ ୧୦ କିଲୋମିଟର ଦୂରବର୍ତ୍ତୀ ଜଙ୍ଗଲରେ ଥିବା ଏକ ଠିକାଦାର ସଂସ୍ଥାର ଜେସିବି ମେସିନ୍ ଓ ଟ୍ରାକ୍ଟର ସମେତ ଚାରିଟିରୁ ଅଧିକ ଗାଡ଼ିକୁ ମାଓବାଦୀମାନେ ପୋଡ଼ି ଭସ୍ମୀଭୂତ କରି ଦେଇଥିଲେ। ମାଓ ଗତିବିଧି ସମ୍ପର୍କରେ ପୋଲିସ୍‌କୁ ସୂଚନା ଦେଲେ ଏଭଳି ଦଶା ଭୋଗିବାକୁ ପଡ଼ିବ ବୋଲି ଉଲ୍ଲେଖ କରି ସେମାନେ ଘଟଣାସ୍ଥଳରେ ଧମକ ପୂର୍ଣ୍ଣ ପୋଷ୍ଟର ଓ ବ୍ୟାନର ମାରିଥିଲେ। କନ୍ଧମାଳ ଜିଲ୍ଲାରେ ମାଓବାଦୀମାନେ ପ୍ରତିଶୋଧ ପରାୟଣ ହୋଇ ଏଭଳି ରକ୍ତ ମୁଖା ହୋଇଥିବାର ଜଣାପଡ଼ିଛି। କାରଣ ଗତ ସପ୍ତାହରେ ପୋଲିସ୍ ଏନ୍‌କାଉଣ୍ଟର କରି ଜଣେ ଆଗଧାଡ଼ିର ମହିଳା ମାଓ କ୍ୟାଡ଼ର ସାବିତ୍ରୀକୁ ହତ୍ୟା କରିଥିଲେ। ସେହି ହତ୍ୟାର ପ୍ରତିଶୋଧ ନେବାକୁ ଲାଲ୍ ବାହିନୀ ଏବେ କନ୍ଧମାଳ ଜିଲ୍ଲାରେ ସକ୍ରିୟ ହୋଇ ଉଠିଛନ୍ତି ଓ ଦୀପାବଳିରେ ଦୁଇ ଦୁଇଟି ହିଂସାକାଣ୍ଡ ଘଟାଇଲେ। ଏହି ଜିଲ୍ଲାକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ଏକ ବଡ଼ ଅଭିଯାନ ଗତ କିଛି ଦିନ ହେଲା ଜାରି ରହିଛି। ମାତ୍ର ଦୀପାବଳିର ଦୁଇଟି ଘଟଣା ସେହି ଅଭିଯାନକୁ ଏକ ବଡ଼ ଝଟ୍‌କା ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବର୍ତ୍ତମାନ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳରେ କମ୍ବିଂ ଅପରେସନ୍‌କୁ ଜୋରଦାର କରାଯାଉଛି। ସେପଟେ ଓଡ଼ିଶା-ଛତିଶଗଡ଼ ସୀମାରେ ଥିବା ସଂରକ୍ଷିତ ଜଙ୍ଗଲରେ ପୁଣି ଥରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବାର ଖବର ମିଳିଛି। ସେମାନଙ୍କର ଭିତରେ ୭୦ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା। ସେହି ଅଞ୍ଚଳରେ ଏକ ବଡ଼ ଧରଣର ମାଓବାଦୀ ଶିବିର ଥିବାର ପୋଲିସ୍ ଠାବ କରିଛନ୍ତି। ଗତ ବର୍ଷକ ମଧ୍ୟରେ ଆଠଥର ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟିବା ପ୍ରମାଣ କରୁଛି ଯେ, ଲାଲବାହିନୀ ପୁଣି ଥରେ ସକ୍ରିୟ ଓ ସଂଗଠିତ ହେଉଛି ଓ ସମୟ ସୁବିଧା ଦେଖି ହିଂସାତ୍ମକ କାର୍ଯ୍ୟକଳାପ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ରାଜ୍ୟ ପ୍ରଶାସନ ଓ ପୋଲିସ ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ସଙ୍ଗେ ସଙ୍ଗେ ଜାଗ୍ରତିଆର ରହିବା ଏକାନ୍ତ ଜରୁରି। ମାଓପ୍ରବଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଗଲେ ଭୁଲ ରାସ୍ତାରେ ଯାଇଥିବା ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ସମ୍ଭବପର ହେବ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।


ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ନେପୋଲିୟନ ମାଛ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ନେପୋଲିୟନ ଫିସ ନାମକ ଏକ ଦୈତ୍ୟକାୟ ମାଛ ଆଫ୍ରିକାର ପୂର୍ବ ଉପକୂଳ ରେଡ ସି, ଭାରତ ଓ ପ୍ରଶାନ୍ତ ମହାସାଗରରେ ଦେଖାଯାନ୍ତି । ବୟସ୍କ ହେଲେ ଏହି ମାଛ ଲମ୍ବାରେ ୭ ଫୁଟ ଓ ଓଜନରେ ୧୯୦ କିଲୋଗ୍ରାମ ପର୍ଯ୍ୟନ୍ତ ବଢିଥାଏ । ଏମାନଙ୍କ ଶାରୀରିକ ଗଠନ ଯୋଗୁଁ ଏମାନଙ୍କୁ ସହଜରେ ଚିହ୍ନିହୁଏ । ଦୁଇଟି ହମ୍ପସ୍ ଆକୃତିର ମୁଖମଣ୍ଡଳ, ଆଖି ପାର୍ଶ୍ୱରେ କଳାଗାର ଓ ମୁଣ୍ଡର ଉପରଭାଗ ଟୋପି ଆକୃତିର ହୋଉଥାଏ । ଫ୍ରେଞ୍ଚ ମିଲଟାରୀ କମାଣ୍ଡର ନେପୋଲିୟନ ବୋନାପାର୍ଟଙ୍କ ଟୋପି ଆକୃତିର ମୁଖମଣ୍ଡଳ ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି ।ଏହାର ବୈଜ୍ଞାନିକ ନାମ Humphead wrasse ।
ଗଭୀର ଜଳରାଶିରେ ଥିବା ଶୈବାଳଗୁଛ ଅଥବା ପଥୁରିଆ ଖୋଲରେ ଏମାନେ ବାସକରନ୍ତି । ଏମାନେ ଦିନବେଳା ସକ୍ରିୟ ହୋଇ ଖାଦ୍ୟଗ୍ରହଣ ଉଦ୍ଦେଶ୍ୟରେ ଉପରକୁ ଆସନ୍ତି । ସବୁବେଳେ ଯୋଡ଼ା, ଅଥବା ଛୋଟ ଛୋଟ ଦଳରେ ରହିବାକୁ ପସନ୍ଦକରନ୍ତି । ଏମାନେ ନିଜର ସ୍ଥାୟୀ ବାସସ୍ଥାନଠାରୁ ଦୂରକୁ ଯାଆନ୍ତିନାହିଁ । ଏମାନଙ୍କ ଜୀବନକାଳ ୩୦ ବର୍ଷ । ୫ ରୁ ୭ ବର୍ଷ ଭିତରେ ଏମାନେ ବୟସ୍କ ହୋଇ ପ୍ରଜନନ କ୍ଷମ ହୁଅନ୍ତି । ତେବେ ଏମାନଙ୍କ ପ୍ରଜନନ କ୍ଷମତା ସୀମିତ । ଜନ୍ମବେଳକୁ ଅଧିକାଂଶ ମାତା ଓ ଖୁବ କମ ପରିମାଣର ନର-ପ୍ରଜାତି ଶାବକ ଜନ୍ମହେବା ଏହାର କାରଣ ବୋଲି ଜୀବବିଜ୍ଞାନୀମାନେ କହନ୍ତି ।
ଏହି ସମସ୍ୟାକୁ ଏଡାଇବା ପାଇଁ ଏକ ଅଦ୍ଭୁତ କ୍ଷମତା ଏମାନଙ୍କ ପାଖରେ ରହିଛି । ଗୋଟିଏ ଛୋଟ ଦଳରେ ପୁରୁଷ ନେପୋଲିୟନ ମାଛର ଦୈବାତ ମୃତ୍ୟୁ ହେଲେ ସେଥିରେ ଥିବା ବୟସ୍କା ମାତା ନିଜକୁ ପୁରୁଷ ଭାବରେ ପରିବର୍ତ୍ତନ କରେ । ଏହି ଲିଙ୍ଗ ପରିବର୍ତ୍ତନ ପ୍ରକିୟା ପାଇଁ ସେ ନିଜକୁ ଦଳରୁ ଅଲଗା କରି କିଛିଦିନ ପାଇଁ ଆତ୍ମଗୋପନ କରେ । ପୁରୁଷ ହେଲାପରେ ସେ ଦଳକୁ ପୁନର୍ବାର ଫେରିଆସେ ଓ ବଂଶକୁ ଆଗକୁ ବଢାଇ ଥାଏ। ଏମାନଙ୍କ ଶିକାର କ୍ଷମତା ଅଭୂତପୂର୍ବ । ବିରାଟ ମୁଖ ଗହ୍ୱର ଓ ଶକ୍ତିଶାଳୀ ଦାନ୍ତ ଦ୍ୱାରା ଏମାନେ ବଡ଼ ବଡ଼ ମାଛ, କଇଁଚ, ଅକ୍ଟୋପସ ଓ କଙ୍କଡାକୁ ଝାମ୍ପି ନିଅନ୍ତି । ବେଳେବେଳେ ଏମାନେ ଶୈବାଳ ଭକ୍ଷଣ କରିଥାନ୍ତି । ଏମାନଙ୍କ ଶରୀରର ରଙ୍ଗ ଗାଢ଼ ନୀଳ କିମ୍ବା ସବୁଜ ହୋଇଥାଏ ।
ଶାବକମାନେ ବୟସ୍କମାନଙ୍କ ଠାରୁ ଅଲଗା ରହନ୍ତି । ଗଭୀର ସମୁଦ୍ରରେ ଏମାନଙ୍କ କେହି



ଜୀବଜଗତ

ଶତ୍ରୁନଥାନ୍ତି । ତେବେ ମଣିଷହିଁ ଏମାନଙ୍କର ଏକମାତ୍ର ଶତ୍ରୁ । ଏମାନେ ଦେଖିବାକୁ ଅସୁନ୍ଦର ହେଲେମଧ ଏହାର ମାଂସ ସୁସ୍ୱାଦୁ ହୋଇଥିବାରୁ ଛଡ଼ାଦରରେ ବିକ୍ରିହୁଏ । ଅବାଧ ଶିକାର ଯୋଗୁଁ ବିଗତ ତିନି ଦଶନ୍ଧି ଭିତରେ ଏମାନଙ୍କ ସଂଖ୍ୟା ୫୦ ପ୍ରତିଶତ ହ୍ରାସପାଇଛି ତେଣୁ ଏହି ସୁନ୍ଦର ପ୍ରଜାତି ମାଛର ଅସ୍ତିତ୍ୱ ଏବେ ସଂକଟରେ । ଏହା ହୃଦୟଙ୍ଗମକରି ବର୍ତ୍ତମାନ ଅନେକ ଦେଶ, ଏହାର ଶିକାର ଉପରେ ଅଙ୍କୁଶ ଲଗାଇଛନ୍ତି। ଚାଇନା ଏହି ମାଛର ସର୍ବାଧିକ ଶିକାର କରିଥାଏ ।
ଏହି ମାଛର ଆହୁରି ଏକ ଆଶ୍ଚର୍ଯ୍ୟଜନକ ଗୁଣରହିଛି । ଦୈତ୍ୟକାୟ ଶରୀର ଯୋଗୁଁ ଏମାନଙ୍କ ଶରୀରରେ ଅନେକ ପରଜୀବୀ ଲାଗିରହନ୍ତି । ମୁଖ ଗହ୍ୱରରେ ସର୍ବାଧିକ ପରଜୀବୀ ବାସକରନ୍ତି । ଏଥିରୁ ନିଷ୍କୃତି ପାଇଁ ଏମାନେ ମଝିରେ ମଝିରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ମାଛ ଡ଼କ୍ଟର ଫିସ ପାଖକୁ ଯାଇଥାନ୍ତି । ମାଛ ଡାକ୍ତର ଖୁବ ଜତ୍ନର ସହିତ ଏମାନଙ୍କ ଶରୀରରେ ଲାଗିଥିବା ସମସ୍ତ ପରଜୀବୀଙ୍କୁ ଖାଇ ସଫାକରି ଦିଅନ୍ତି । ଶେଷକୁ ନେପୋଲିୟନ ମାଛ ତାର ପାଟି ମେଲାକରି ରଖେ ଓ ଡାକ୍ତର ମାଛ ପାଟି ଭିତରେ ସେମାନଙ୍କ କାର୍ଯ୍ୟ ଚାଲୁରଖନ୍ତି । ଏହି ପ୍ରକିୟା ଅନେକ ସମୟ ଚାଲିଥିଲେ ମଧ୍ୟ ନେପୋଲିୟନ ମାଛ ପାଟି ମେଲାକରି ରଖିଥାଏ । ସ୍ୱଭାବରେ ଶିକାରୀ ମାଛ ହୋଇଥିଲେହେଁ ସେ ସେମାନଙ୍କର କିଛି କ୍ଷତି କରି ନଥାଏ । ସବୁଠାରୁ ମଜାକଥା ଗୋଟିଏ ନେପୋଲିୟନ ମାଛର ସଫେଇ କାର୍ଯ୍ୟ ଚାଲିଥିବା ବେଳେ, ଅନ୍ୟମାନେ ଶୃଙ୍ଖଳାର ସହ ଧାଡିବାନ୍ଧି ନିଜ ପାଳିକୁ ଅପେକ୍ଷା କରିଥାନ୍ତି ।

*ଭୁବନେଶ୍ୱର*
*ମୋବାଇଲ୍ - ୭୯୭୮୪୨୦୪୯୩*

## ଷଟତିଳା ଏକାଦଶୀ

# ଏକାଦଶୀ ଉପବାସ ମାହାତ୍ମ୍ୟ : ୫

ସିଦ୍ଧାର୍ଥ ମହାପାତ୍ର

ଧର୍ମରାଜ ଯୁଧିଷ୍ଠିରଙ୍କୁ ପ୍ରଭୁ ଶ୍ରୀକୃଷ୍ଣ ବର୍ଣ୍ଣନା କରିଥିବା ବାକି ୨୦ଟି ଏକାଦଶୀ ଉପବାସ ମାହାତ୍ମ୍ୟରୁ ମାଘ ମାସ କୃଷ୍ଣ ପକ୍ଷ 'ଷଟତିଳା ଏକାଦଶୀ' ଅନ୍ୟତମ। ଏହାର ମାହାତ୍ମ୍ୟ ଏହିପରି। 'ଷଟତିଳା ଏକାଦଶୀ' ମାଘ ମାସ କୃଷ୍ଣ ପକ୍ଷ ତିଥିରେ ପଡିଥାଏ। ଏହି ଏକାଦଶୀରେ ତିଳ ଅର୍ଥାତ୍ ରାଶିକୁ ୬ ପ୍ରକାରେ ବ୍ୟବହାର କରାଯାଇ ପ୍ରଭୁ ଅର୍ଚ୍ଚନା କରାଯାଏ। ଯେପରିକି ତିଳ ଲେପ ଦ୍ୱାରା ସ୍ନାନ, ତିଳ ତର୍ପଣ, ତିଳ ଦ୍ୱାରା ହୋମ, ତିଳ ଭୋଜନ, ତିଳ ଦାନ ଏବଂ ତିଳ ଅଞ୍ଜଳି ବା ଚରଣାମୃତ ସଙ୍ଗେ ତିଳ। ପୁରାକାଳରେ ଦାଲଭ୍ୟ ଋଷି ପୁଲସ୍ତ୍ୟ ଋଷିଙ୍କୁ ମନୁଷ୍ୟକୃତ ପାପର ନିରାକରଣ ବିଷୟରେ ପଚାରିଲେ। ପୁଲସ୍ତ୍ୟ ଋଷି ତାଙ୍କୁ ଏହି 'ଷଟତିଳା ଏକାଦଶୀ' ବ୍ରତର ମାହାତ୍ମ୍ୟ ବିଷୟରେ କହିଲେ ଯାହା ବିଷ୍ଣୁ ଭଗବାନ ନାରଦ ଋଷିଙ୍କୁ ମଧ କହିଥିଲେ। ଏକଦା ଜଣେ ବୃଦ୍ଧ ବ୍ରାହ୍ମଣୀ ଏକ ମାସ ଧରି ଚାନ୍ଦ୍ରାୟଣ ବ୍ରତ କରି ଦୁର୍ବଳ ହୋଇ ମୃତ୍ୟୁ ମୁଖରେ ପଡ଼ିଥିଲା। ବ୍ରତ ପ୍ରଭାବରେ ତାର ସମସ୍ତ ପାପ ନଷ୍ଟ ହୋଇଯାଇଥିଲା। ଭଗବାନ ତାର ସ୍ୱର୍ଗବାସ ସୁନିଶ୍ଚିତ ଜାଣିଲେ। କିନ୍ତୁ ଦାନ ଅଭାବ ହେତୁ ସ୍ୱର୍ଗବାସ ଅନିଶ୍ଚିତ ଜାଣି ସ୍ୱୟଂ ବାମନ ବେଶରେ ଭିକ୍ଷା କରିବାକୁ ଆସିଲେ। ବ୍ରାହ୍ମଣୀ ତାଙ୍କୁ ଦେଖି ମାଟି ପିଣ୍ଡୁଳାଟିଏ ଦାନ ସୂତ୍ରରେ ଦେଲା। ମରଣ ଉପରାନ୍ତେ ସ୍ୱର୍ଗବାସରେ ତାଙ୍କୁ ଅନ୍ନ ସମ୍ପଦ ବିହୀନ ବିଶାଳ ମହଲ ମିଳିଲା। ବିଚଳିତ ହୋଇ ପ୍ରଭୁଙ୍କୁ ପଚାରିବାରୁ ଦାନ ଅଭାବରୁ ଏପରି ହୋଇଛି କହିଲେ ଏବଂ କହିଲେ, ତୁମକୁ କିଛି ଦେବକନ୍ୟା ଦେଖିବାକୁ ଆସିବେ, ତାଙ୍କୁ ଗୃହଦ୍ୱାର ନ'ଖୋଲି 'ଷଟତିଳା ଏକାଦଶୀ' ମାହାତ୍ମ୍ୟ ବିଷୟରେ ପଚାରି ବୁଝିବ। ବ୍ରାହ୍ମଣୀ ସେପରି କରିବାରୁ ଦେବାଙ୍ଗନା ତାଙ୍କୁ ଏହି ଏକାଦଶୀ ମାହାତ୍ମ୍ୟ ବିଷୟରେ ଶୁଣାଇଲେ। ଏକାଦଶୀ ମାହାତ୍ମ୍ୟ ଶୁଣିବା ପରେ ବ୍ରାହ୍ମଣୀ ଘରେ ଅନ୍ନ ସମ୍ପଦ ପୂର୍ଣ୍ଣ ହେଲା। 'ଷଟତିଳା ଏକାଦଶୀ' ବ୍ରତ ସମ୍ପୂର୍ଣ୍ଣ କଲାପରେ ସେ ଦେବୀ ରୂପ ମଧ ଲାଭ କଲା। ଏହି ବ୍ରତରେ ଗୋଟିଏ ତିଳ ମଧ ଦାନ କଲେ ଏକ ହଜାର ବର୍ଷ ସ୍ୱର୍ଗବାସ ହୁଏ। ଏହି ବ୍ରତରେ ବିଷ୍ଣୁ ଭଗବାନଙ୍କୁ ଶ୍ରୀଫଳ , ଜାଇଫଳ, ଗୁଆ ଇତ୍ୟାଦି ନୈବେଦ୍ୟ ଦିଆଯାଏ ଏବଂ ତିଳପଟି ପ୍ରସାଦ ରୂପେ ସେବନ କରାଯାଏ।

*ବଜ୍ରକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*



## ମନ୍ଦିର ମାଳିନୀ : ଭାଗ-୯

### ବାବା ରାମେଶ୍ୱର / ମାଉସୀ'ମା ମନ୍ଦିର

ପୁରୁଣା ଭୁବନେଶ୍ୱର ମାଉସୀ ମାଆ ଟ୍ରାଫିକ୍ ଛକ ନିକଟରେ ୧୨ଶହ ଶତାବ୍ଦୀର ଏହି ମନ୍ଦିରରେ ବାବା ରାମେଶ୍ୱର ମହାଦେବ, ମାଆ ଦୁର୍ଗା ପୂଜା ପାଉଛନ୍ତି। ଧର୍ମୀୟ କିମ୍ବଦନ୍ତୀ ଅନୁସାରେ ରାବଣକୁ ବଧ କରି ପ୍ରଭୁ ଶ୍ରୀରାମ ଲଙ୍କାରୁ ଫେରିବା ସମୟରେ ମାତା ସୀତା ଶିବଙ୍କ ପୂଜା ଆରାଧନା କରିବାକୁ ଇଚ୍ଛା ପ୍ରକାଶ କରିବାରୁ ପ୍ରଭୁ ଶ୍ରୀରାମ ଏହିଠାରେ ଏକ ଶିବ ଲିଙ୍ଗ ପ୍ରତିଷ୍ଠା କରିଥିଲେ। ତେଣୁ ସବୁ ବର୍ଷ ପବିତ୍ର ଅଶୋକାଷ୍ଟମୀ ଦିନ ରୁକୁଣା ରଥରେ ପ୍ରଭୁ ଲିଙ୍ଗରାଜଙ୍କ ଦ୍ୱାରା ପ୍ରେରିତ ପ୍ରତିନିଧି ପ୍ରଭୁ ଚନ୍ଦ୍ରଶେଖର, ମାତା ରୁକ୍ମଣୀ ଓ ବାସୁଦେବଙ୍କ ସହ ମିଶି ଏକ ସୁସଜ୍ଜିତ ରଥରେ ଯାତ୍ରା କରି ଏହି ମନ୍ଦିରକୁ ଆସି ଚାରି ଦିନ ରହି ପୁନଶ୍ଚ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ପ୍ରଭୁ ଲିଙ୍ଗରାଜ ମନ୍ଦିର ପୂଜା ନିର୍ଘଣ୍ଟରେ ଅଶୋକାଷ୍ଟମୀ ରଥଯାତ୍ରା ନାମରେ ଏହା ଖ୍ୟାତ। ତେଣୁ ଏହି ମନ୍ଦିରକୁ ଶ୍ରଦ୍ଧାଳୁମାନେ ମାଉସୀ ମାଆ ମନ୍ଦିର ବୋଲି ମଧ କହିଥାନ୍ତି। ଏହି ମନ୍ଦିର ପରିସରରେ ଏକ ସୁନ୍ଦର ଉଦ୍ୟାନ ସହିତ ବିରାଟ ପୁଷ୍କରିଣୀ ମଧ ରହିଅଛି। ଏହାର ରକ୍ଷଣାବେକ୍ଷଣ ସହିତ ପୁନରୁଦ୍ଧାର କାର୍ଯ୍ୟ ଏବେ ସରକାରଙ୍କ ଦ୍ୱାରା ଚାଲିଅଛି। ପ୍ରଭୁ ଲିଙ୍ଗରାଜ ମନ୍ଦିରକୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଏହି ପୁରାତନ ମନ୍ଦିରକୁ ନିଶ୍ଚିତ ଭାବରେ ଆସି ପ୍ରଭୁଙ୍କ ଦର୍ଶନ ପୂର୍ବକ ମନ୍ଦିରର କାରୁକାର୍ଯ୍ୟକୁ ନିଶ୍ଚୟ ଭାବରେ ଦେଖିବା ଉଚିତ୍।

ଜ୍ଞାନ ରଞ୍ଜନ ମିଶ୍ର

**ରାଜ୍ୟ ସ୍ତରୀୟ ଅଗ୍ନିଯୋଦ୍ଧା ନିଯୁକ୍ତି ସମାରୋହ**

# ଖାଲି ଥିବା ପଦବି ପୂରା କରିବା ପାଇଁ ରାଜ୍ୟ ସରକାର କାମ କରୁଛନ୍ତି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ଭିଓଭି): ରାଜ୍ୟରେ ଆମ ସରକାର ଗଠନ ହେଲା ପରେ ବିଭିନ୍ନ ବିଭାଗରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଖାଲି ପଦବି ରହିଛି, ତାକୁ ପୂରଣ କରାଯିବ। ସେଥିପାଇଁ ଯାହା ସବୁ ଆବଶ୍ୟକ ପଦକ୍ଷେପ ଦରକାର, ତାହା ନିଆଯିବ। ଖାଲି ଥିବା ପଦବି ପୂରଣ କରିବା ପାଇଁ ନିୟମିତ ଭାବେ ସମୀକ୍ଷା କରାଯାଉଛି। ଯାହା ସବୁ ପଦବି ଖାଲି ରହିଛି ଏବଂ ଆବଶ୍ୟକ ଥିବା ପଦବି ଦରକାର ଅଛି ସେଥିପାଇଁ ବ୍ୟବସ୍ଥା କରାଯାଉଛି। ୧୦,୦୦୦ ପଦବି ଶୀଘ୍ର ପୂରା କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକ ନିଯୁକ୍ତି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସନ୍ଧ୍ୟାରେ ଏହା କହିଛନ୍ତି। ସ୍ଥାନୀୟ ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୃଷି ଶିକ୍ଷା ସଦନରେ ଆୟୋଜିତ ସମାରୋହରେ ରାଜ୍ୟ ସରକାର ଆଜି ୯୪୧ ଜଣଙ୍କୁ ଅଗ୍ନିଯୋଦ୍ଧାଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଅବସରରେ ନବନିଯୁକ୍ତ ପ୍ରାର୍ଥୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଅଗ୍ନିଯୋଦ୍ଧାଙ୍କ ଯୋଗଦାନ ଦ୍ୱାରା ଆମ ସରକାର ଏବଂ ଏହି ବିଭାଗର ଶକ୍ତି ବୃଦ୍ଧି ପାଇବ। ଏହାଦ୍ୱାରା ଆଗାମୀ ଦିନରେ ଆବଶ୍ୟକ ସମୟରେ ଜରୁରୀକାଳୀନ ସେବା ଯୋଗାଇଦେବା ପାଇଁ ଅଧିକ ଦକ୍ଷତାର ସହିତ ବିଭାଗ କାର୍ଯ୍ୟ କରିବ। ଏଥିସହିତ ଲୋକଙ୍କ ଧନ ଜୀବନ ସୁରକ୍ଷା ସୁନିଶ୍ଚିତ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୃହରକ୍ଷୀମାନଙ୍କ କ୍ଷେତ୍ରରେ ଥିବା କଟକଣାକୁ ନିକଟରେ ରାଜ୍ୟ ସରକାର ଉଠାଇ ଦେଇଛନ୍ତି। ୨୦୨୦ରୁ ଏହା ବନ୍ଦ ଥିଲା। ୪ ବର୍ଷ ହେଲା ଯେଉଁମାନେ ଗୃହରକ୍ଷୀ ହେବାକୁ ଆଶା ରଖିଥିଲେ ସେମାନେ କଟକଣା ପାଇଁ ଇଚ୍ଛା ଥିଲେ ମଧ୍ୟ ଆଗକୁ ବଢ଼ିପାରୁ ନଥିଲେ। କିନ୍ତୁ ସେବା କ୍ଷେତ୍ରରେ ଗୃହରକ୍ଷୀମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୃହରକ୍ଷୀମାନେ ମଧ ଆଶ ରଖିଥାନ୍ତି ଯେ, ମୁଁ ଏହି କାମରେ ରହିବ। ୨୪୧୬ ଗୃହରକ୍ଷୀ ପଦବୀ ଖୁବ ଶୀଘ୍ର ପୂରଣ କରାଯିବ। ଏଥି ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯୁବକମାନଙ୍କ ପାଇଁ ସରକାରୀ କଳରେ ଯଥେଷ୍ଟ ନିଯୁକ୍ତି ସୃଷ୍ଟି କରିବାକୁ ପଦକ୍ଷେପ ନିଆଯାଇଛି। ସାଢ଼େ ୪ କୋଟି ଲୋକ ଯାହା ଦାୟିତ୍ୱ ଦେଇଛନ୍ତି, ତାକୁ ପାଳନ କରାଯିବ। ସରକାରୀ ପଦବି ଯାହା ଖାଲି ରହିଛି, ତାକୁ ପୂରଣ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାକୁ ଆହୁରି ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଶିଳ୍ପ ନିବେଶ ମାଧ୍ୟମରେ ରାଜ୍ୟକୁ ବିକଶିତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ସରକାର ନିକଟରେ ଦିଲ୍ଲୀ, ମୁମ୍ବାଇ, ସିଙ୍ଗାପୁରରେ ବିଶ୍ୱର ଜଣାଶୁଣା ଉଦ୍ୟୋଗୀମାନଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଶିଳ୍ପୋଦ୍ୟୋଗୀମାନେ ପ୍ରତିଶ୍ରୁତି ଦେଇଛନ୍ତି।ନିଯୁକ୍ତି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ଭୁବନେଶ୍ୱର ବିଧାୟକ (ଏକାମ୍ର) ବାବୁ ସିଂ ଓ ଅଗ୍ନିସେବା ଡିଜି ସୁଧାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

**ଆବାସ ଯୋଜନାର ନୂଆ ଗାଇଡ୍‌ଲାଇନ୍**

# ବାଇକ୍ କିମ୍ବା ଫ୍ରିଜ୍ ଥିଲେ ବି ଘର ମିଳିବ



ଭୁବନେଶ୍ୱର(ଭିଓଭି): ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ନୂଆ ଗାଇଡ୍‌ଲାଇନ୍ ଆସିଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଦେବାକୁ ପଞ୍ଚାୟତିରାଜ ବିଭାଗ ପ୍ରସ୍ତୁତ କରିଥିବା ନୂଆ ଗାଇଡ୍ ଲାଇନରେ କେତେକ ନୂଆ ବ୍ୟବସ୍ଥା ଯୋଡ଼ିଛନ୍ତି। ରାଜ୍ୟ ସରକାର ଆବାସ ଘର ପାଇଁ ଲୋକେ ନିଜେ ନିଜ ପାଇଁ ସର୍ଭେ କରିବେ। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯିବ ନାହିଁ। ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯିବ। ହିତାଧିକାରୀ ନିଜେ ଯୋଗ୍ୟ କି ନୁହନ୍ତି ତାହାର ସର୍ଭେ ନିଜେ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ପ୍ରଦାନ କରିଛନ୍ତି। ଏନେଇ ଆସନ୍ତା ଡ଼ିସେମ୍ବର ମାସରେ ପ୍ରତି ଗାଁରେ ଏନେଇ କ୍ୟାମ୍ପ୍ କରାଯିବ। ଲୋକେ ଏହି କର୍ମଶାଳାରେ ଯୋଗ ଦେଇ ସଚେତନ ହେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ପ୍ରଦାନ କରିଛନ୍ତି। ଲୋକେ କିଭଳି ନିଜେ ନିଜର ସର୍ଭେ କରିବେ, ତାହା ଶିଖାଇବାକୁ ପଞ୍ଚାୟତସ୍ତରରେ କର୍ମଶାଳା ହେବ । ୧୫ ବା ୧୫ରୁ କମ୍ ସଂଖ୍ୟକ ପଞ୍ଚାୟତ ଥିବା ବ୍ଲକ୍?ରେ ଡିସେମ୍ବର ୨ ତାରିଖରେ କର୍ମଶାଳା ହେବ । ୧୬ରୁ ୨୫ଟି ପଞ୍ଚାୟତ ଥିବା ବ୍ଲକ୍‌ରେ ୨ ଓ ୩ ତାରିଖରେ କର୍ମଶାଳା ହେବ ।୨୫ରୁ ଅଧିକ ପଞ୍ଚାୟତ ଥିବା ବ୍ଲକରେ ୨, ୩ ଓ ୪ ତାରିଖରେ କର୍ମଶାଳା ହେବ । ସ୍ଥାନୀୟ ଲୋକେ ଯେଭଳି ଏହି ଆବାସ କର୍ମଶାଳା ହେଉଛି ବୋଲି ଜାଣିପାରିବେ ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ କୁହାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ପ୍ରଦାନ କରିଛନ୍ତି। ପୂର୍ବରୁ ବାଇକ୍, ଫ୍ରିଜ୍ ଓ ଲ୍ୟାଣ୍ଡଲାଇନ ଫୋନ୍ ଥିଲେ ଆବାସ ଘର ମିଳିବନି ବୋଲି ନିୟମ ଥିଲା। କିନ୍ତୁ ଏହାକୁ ବଦଳା ଯାଇଛି । ଏ ସବୁ ଥିଲେ ବି ଆବାସ ଘର ଦିଆଯିବ। ପୂର୍ବରୁ ପରିବାରର ମାସିକ ଆୟ ସୀମା ସର୍ବାଧିକ ୧୦ ହଜାର ରହିଥିଲା । ଏହାକୁ ୧୫ ହଜାର କରାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି।

# ହାତରେ ସମ୍ବିଧାନ ଧରି ଶପଥ ନେଲେ ପ୍ରିୟଙ୍କା ଗାନ୍ଧି

ନୂଆଦିଲ୍ଲୀ : ଶପଥ ନେଲେ ପ୍ରିୟଙ୍କା ଗାନ୍ଧି ଭଡ୍ରା। କେରଳର ୱାୟନାଡରୁ ବିଜୟୀ ହୋଇଥିବା କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଆଜି ପ୍ରଥମ ଥର ପାଇଁ ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ହାତରେ ସମ୍ବିଧାନର ଏକ କପି ଧରି ସେ ଶପଥ ପାଠ କରିଛନ୍ତି। ଲୋକସଭା ବାଚସ୍ପତି ଓମ ବିର୍ଲା ଏବଂ ସଂସଦରେ ଉପସ୍ଥିତିରେ ଶପଥ ଗ୍ରହଣ ଲୋୟର ହାଉସର ବସିଥିବା ସାଂସଦଙ୍କ କରିଛନ୍ତି। ଏହି ସମୟରେ ଗ୍ୟାଲେରୀରେ ତାଙ୍କ ସ୍ୱାମୀ ରବର୍ଟ ଭଡ୍ରା ଏବଂ ତାଙ୍କ ପିଲାମାନେ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ସମୟରେ ପ୍ରିୟଙ୍କା ଗାନ୍ଧି କେରଳର ପାରମ୍ପରିକ କାସାଭୁ ଶାଢ଼ୀ ପିନ୍ଧିଥିବା ନଜର ଆସିଛନ୍ତି। ମଲୟାଲି ଉତ୍ସବରେ ସ୍ୱତନ୍ତ୍ର ରୂପେ ଗୋଲଡେନ୍ ବର୍ଡର ଥିବା ଧଳା ରଙ୍ଗର କାସାଭୁ ଶାଢ଼ୀ ପିନ୍ଧାଯାଏ। ପ୍ରିୟଙ୍କା ଶପଥ ଗ୍ରହଣ ବେଳେ ଶାଢ଼ୀ ପିନ୍ଧି ୱାୟନାଡରେ ସେ ସକ୍ରିୟ ଭାବରେ କାମ କରିବାକୁ ନେଇ ଇସାରା ଦେଇଛନ୍ତି।



# ଖୁବ୍‌ଶୀଘ୍ର ଶେଷ ହେବ ସୁଭଦ୍ରା ଯାଞ୍ଚ



ଭୁବନେଶ୍ୱର, (ଭିଓଭି): ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇଛି। ତେବେ ଆବେଦନ କରିଥିବା ବହୁ ସଂଖ୍ୟକ ମହିଳାଙ୍କ ବ୍ୟାଙ୍କ ଖାତାରେ ଏପର୍ଯ୍ୟନ୍ତ ଟଙ୍କା ପହଞ୍ଚିନାହିଁ।କେତେକଙ୍କର ଆବେଦନ ସ୍ଥିତି ଅଣ୍ଡର ପ୍ରୋସେସ୍ ଦେଖାଉଥିବାବେଳେ ଅନ୍ୟ କେତେକଙ୍କର କୌଣସି ଜମିଜମା ଅବା ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ମାନଦଣ୍ଡର କୌଣସି ଅଯୋଗ୍ୟ ସ୍ଥିତି ନ ଥିଲେ ମଧ୍ୟ ସେମାନଙ୍କ ଆବେଦନକୁ ରିଜେକ୍ଟ କରାଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର କହିଛନ୍ତି,ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାର ଯାଞ୍ଚ ଶେଷ ହେବ।ଯାଞ୍ଚରେ ରିଜେକସନ୍ ତାଲିକାର ଯାଞ୍ଚ କରାଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ପ୍ରଦାନ କରିଛନ୍ତି। କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲ୍ଲାରେ ଅଧିକ ଆବେଦନ ରିଜେକସନ୍ ହୋଇଛି। ଅଧିକ ଆବେଦନ ରିଜେକସନ୍ ହୋଇଥିବା ଅଞ୍ଚଳକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି ମର୍ମରେ ଶୁକ୍ରବାରଠାରୁ ମାଲକାନଗିରିରେ ଯାଞ୍ଚ ଆରମ୍ଭ ହେବ। କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲ୍ଲାରେ ଅଧିକ ଆବେଦନ ରିଜେକସନ୍ ହୋଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଉଛି।

# ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ଲୋକାର୍ପିତ




ଭୁବନେଶ୍ୱର(ଭିଓଭି): ରାଜ୍ୟରେ କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନହୁଅନ୍ତି, ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ, ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲୋକାର୍ପଣ କରିଛନ୍ତି। ଚାଷୀଙ୍କ ସ୍ୱାର୍ଥ ସାଧନ ଓ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କେନ୍ଦ୍ର ମାଧ୍ୟମରେ କରିପାରିବେ। ଯାହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି। କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଏହି ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ରରେ ସବୁ ଜିଲ୍ଲାର ମଣ୍ଡି ଉପରେ ତୀକ୍ଷ୍ଣ ନଜର ରଖାଯିବ। ସିସିଟିଭି ମାଧ୍ୟମରେ ଲାଇଭ ଫୁଟେଜକୁ ଏଠାରେ ଅନୁଧ୍ୟାନ କରାଯିବା ସହ ମଣ୍ଡିରୁ ଧାନ ନେଇ ମିଲସ ଓ ଡିପୋକୁ ଯାଉଥିବା ଗାଡିକୁ ମଧ୍ୟ ନିରୀକ୍ଷଣ କରାଯିବ। ଉଭୟ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ବେଳେ ଏହି କେନ୍ଦ୍ର କାର୍ଯ୍ୟ କରିବ। ଏଠାରେ ଉଭୟ ଅଡିଓ ଓ ଭିଡିଓ କଲ ମାଧ୍ୟମରେ ଯୋଗାଯୋଗ କରିବା ବ୍ୟବସ୍ଥା ରହିଛି। କୌଣସି ଅଭିଯୋଗ କିମ୍ବା ନିର୍ଦ୍ଦେଶ ଆସିଲେ ତ୍ୱରିତ ପଦକ୍ଷେପ ନିଆଯିବାର ବ୍ୟବସ୍ଥା ରହିଛି।

# ବିକାଶର ନଗ୍ନଚିତ୍ର ଜଳଜଳ ଦିଶୁଛି...



ରାୟଗଡ଼ା, (ଭିଓଭି): ବିକାଶର ନଗ୍ନଚିତ୍ର ଜଳ ଜଳ ଦୁସୁଛି ସଲପଝୋଲା ଗାଁରେ। ରାୟଗଡ଼ା ଜିଲ୍ଲା ଡଙ୍ଗର ବିଶି ଡଙ୍ଗରିଆ କନ୍ଧଙ୍କ ସଲପଝୋଲା ଗାଁ ର ବିକାଶ ଚିତ୍ର କୁ ଦେଖିଲେ ସତେ ଯେମିତି ଲାଗୁଛି ନିର୍ବାଚନ ଆସିଲେ ଭଟ୍ ମାଗୁଥିବା ନେତା ଓ ଦୀର୍ଘ ୨୫ ବର୍ଷ ଶାସନ ଭାର ସମ୍ଭାଳି ଥିବା ସରକାର ଙ୍କ କର୍ମଚାରୀ ମାନଙ୍କ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ହଇଥିବା ଭଳି ମନେ ହଉଛି। ସଲପଝୋଲା ଗ୍ରାମରେ ୨୫ ଘର ପରିବାର ଏକ ଶହ ରୁ ଉର୍ଦ୍ଧ ଜନ ସଂଖ୍ୟା ବସବାସ କରୁଥିବା ବେଳେ ଗାଁରେ ଅନେଗୁଡ଼ିଏ ମୌଳିକ ସମସ୍ୟା ଅଫହଞ୍ଚ ହଇଥିବା ଦେଖିବାକୁ ମିଳିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ମୁନିଖଲ ପଞ୍ଚାୟତ ରେ ରହିଥିବା ଗାଁ ସଲପଝୋଲା ସତେ ଯେମିତି ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ର ମାନଚିତ୍ର ରୁ ହଜିଯାଇଥିବା ଭଳି କାହା ଅବହେଳା ଯୋଗୁଁ ବିକାଶ ପହଞ୍ଚି ପାରିନାହିଁ। ଗ୍ରାମକୁ ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଆବାସ ଯୋଜନା, ବିଦ୍ୟୁତ୍ ଆଲୁଅ ଦେଖିବାକୁ ହେଲେ ସ୍ୱପ୍ନ ପାଲଟିଛି ଏବଂ ଅଙ୍ଗନୱାଡ଼ି ଶିକ୍ଷା ଭଳି ଅନେକ ସମସ୍ୟା ନେଇ ଗତିକୋରୁଛନ୍ତି ଗ୍ରାମ ବାସୀ। ଗାଁରେ ଗଟିଏ ନଳକୂଅ ଅଛି ସମୁଦ୍ର କୁ ସଂଖେପାଣି ଭଳୀ, ସରକାର ଡିକେ.ଡିଏ ଓ ଓପିଲିପି ମାଧମରେ ଶହ ଶହ କୋଟି ଟଙ୍କା ଡଙ୍ଗରିଆ କନ୍ଧମାନଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି ସତ କିନ୍ତୁ ନିୟମ ଗିରି ଗାଁ ମାନଙ୍କରେ ବିକାଶ ର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ବିକାଶ ପ୍ରତି ରାଜନୈତିକ ଇଚ୍ଛାଶକ୍ତି ଓ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରାଶାସନିକ ଅଧିକାରୀ ଙ୍କ ମନୋଭାବ କମିଥିବାରୁ କୌଣସି ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ଡଙ୍ଗରିଆ କନ୍ଧ। ଆଜକୁ ଭାରତ ସ୍ୱାଧିନ ହୋଇ ୭୭ ବର୍ଷ ବିତି ସାରିଥିଲେ ମଧ ଏପର୍ଯ୍ୟନ୍ତ କୋ ?ଣସି ବିକାଶ ର ନାଁ ନାହିଁ। ଏହି ସଲପଝୋଲା ଗ୍ରାମ ରେ ଜୀବନ ବଞ୍ଚାଇବା ପାଇଁ ହେଲେ ଗୋଟିଏ ମାତ୍ର ସାହାରା ଝରଣା ପାଣି , ନିୟମଗିରି ପାହାଡ ଅଞ୍ଚଳରେ ବସବାସ କରୁଥିବା ଆଦୀବାସୀ ଡ଼ଙ୍ଗରିଆ କନ୍ଧମାନଙ୍କ ପାଇଁ ଯେତିକି ଉନ୍ନୟନ କାର୍ଯ୍ୟ ଆସୁଥିବା କୋଟି କୋଟି ଟଙ୍କା ର ସରକାରଙ୍କ ଅନୁଦାନ ଅଫିସର ଓ ବଡ଼ବଡ଼ିଆ ବାବୁ ମାନେ ହେଲେ ମାଲେ ମାଲ, ତୁମେ ଗୁହାରି କରିବ ଯାହାକୁ ଆମେ ସଙ୍ଗାତ ବାନ୍ଧିଛୁ ତାହାକୁ ଏହି ଭଳି ନୀତି ଚାଲିଥିବା ଅଭିଯୋଗ ହଇଛି। ମୁଁଠାଏ ଖାଇବା ପାଇଁ ହେଲେ ଜଙ୍ଗଲି କନ୍ଦମୂଳ ଓ ନିଜେ ଡଙ୍ଗର ଉପରେ ଚାଷ କରି ମକା, ଜନା, ମାଣ୍ଡିଆ,ସୁଆ, ଝାରୀ, ସପୁରୀ, କଦଳୀ, ପଣସ ଅଦା, ହଳଦୀ, ଆମ୍ବ, ଜାମ୍ବ, ଖଲିପତ୍ର, ଜାଳେଣି କାଠ ଇତ୍ୟାଦି ଜଙ୍ଗଲରେ ଉତ୍ପନ୍ନ ଫଳମୂଳ ସଂଗ୍ରହ କରିଥାନ୍ତି ଓ ନିଜ ଗୁଜୁରାଣ ମେଣ୍ଟାଇବା ସହ ସ୍ଥାନୀୟ ମାର୍କେଟ କୁ ଆଣି ସ୍ୱଳ୍ପ ଦାମରେ ବିକ୍ରି କରି ସପ୍ତାହ ର ଶାଗ ତେଲ ଲୁଣ କିଣିଥାନ୍ତି, ସ୍ୱାସ୍ଥ୍ୟ ଜନିତ କିଛି ଅସୁସ୍ଥ ହେଲେ ନିଜ ସ୍ୱାସ୍ଥ୍ୟ ପାଇଁ ମେଡିକାଲ ନଯାଇ ଚେରି ମୂଳୀ ଔଷଧ ବ୍ୟବହାର କରନ୍ତି। ସରକାର ଡଙ୍ଗରିଆ କନ୍ଧ ପାଇଁ ଡିକେଡିଏ ଓ ଓପିଲିପି ସଂସ୍ଥା ମଧମରେ ସୁବିଧା ଯୋଗାଇ ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଛନ୍ତି ସତ କିନ୍ତୁ ଗାଁକୁ ଖଣ୍ଡିଏ ରାସ୍ତା ନାହିଁ। ନିର୍ବାଚନ ପାଖେଇ ଆସିଲେ ପ୍ରଚାର ବେଳେ ପ୍ରତିଶ୍ରୁତି ତାହା ପ୍ରତିଶ୍ରୁତି ରେ ହିଁ ରହିଯାଉଥିବା ଦେଖିବାକୁ ମିଳୁଛି।

## ଭଙ୍ଗା ଘରେ ଜୀବନ ବିତାଉଛନ୍ତି ତୁଳସୀ, ମିଳୁନି ଆବାସ ଯୋଜନା ଗୃହ



ଖଇରା, (ଭିଓଭି):ତୁଳସୀ ପାତ୍ରଙ୍କ ଘର ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁପାରି ପଞ୍ଚାୟତ କୁମ୍ଭୁକା ଗ୍ରାମରେ । ସେ ଜଣେ ଅତ୍ୟନ୍ତ ଗରିବ ଅଭାବି ବ୍ୟକ୍ତି । ପରିବାର ମୂଳ ମଜୁରୀ ଲାଗି ଚଳନ୍ତି । ସ୍ଥାୟୀ ପକ୍କା ଘରଟିଏ କରିବା ପାଇଁ ତାଙ୍କ ପାଖରେ ସମ୍ବଳ ଅଭାବ । ତୃଣମୂଳ ସ୍ତରରୁ ଆରମ୍ଭ କରି ରାଜ୍ୟ ରାଜଧାନୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଘରଟିଏ ପାଇଁ କହି କହି ପଡିଲେଣି ଥକି । ତଥାପି ଘରଟିଏ ପାଇବାରୁ ବଞ୍ଚିତ ଶ୍ରୀମତୀ ତୁଳସୀ । ବିଭିନ୍ନ ସମୟରେ ବିଭିନ୍ନ ନେତା ଓ ରାଜନେତାଙ୍କ ଠାରୁ ମିଳୁଛି ପ୍ରତିଶ୍ରୁତି ହେଲେ ସେ ସବୁ ପାଣିରଗାର ପାଲଟିଛି ଶ୍ରୀମତୀ ପାତ୍ରଙ୍କ ପାଇଁ । ଭଙ୍ଗା ପଲିଥିନ ବିଛା ଘରେ ପରିବାର ସହିତ ଜୀବନ ବିତାଉଛନ୍ତି ତୁଳସୀ । ଖବରପାଇ ଗଣମାଧ୍ୟମ ପ୍ରତିନିଧି ଓ ସମାଜସେବୀ ଘରେ ପହଞ୍ଚି ପ୍ରକୃତ ଘଟଣା ବିଷୟରେ ପଚାରି ବୁଝି ବାସ୍ତବ ଚିତ୍ର ଅନୁଭବ କରିଥିଲେ । ଏପରି ସ୍ଥଳେ ତାଙ୍କ ପାଇଁ ଆବାସ ଯୋଜନା ଘରଟିଏ ଅତ୍ୟନ୍ତ ଜରୁରୀ ବୋଲି ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରିଛନ୍ତି । ତେଣୁ କାଳବିଳମ୍ବ ନ କରି ଶ୍ରୀମତୀ ପାତ୍ରଙ୍କୁ ଆବାସ ଯୋଜନା ଘରଟିଏ ଯୋଗାଇ ଦିଅନ୍ତୁ ବୋଲି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ସରକାରଙ୍କ ନିକଟରେ ଦାବି ଜୋର ଧରିଛି ।

## ଟମକା ବନାଞ୍ଚଳରେ ବହୁମାତ୍ରାରେ ଶାଗୁଆନ ଗଛ ଚୋରି, ଚୁପ୍ ବନବିଭାଗ

କଳିଙ୍ଗନଗର, (ଭିଓଭି): ଦିନ ଦ୍ୱିପ୍ରହରେ ମହାଗିରୀ ଜଙ୍ଗଲରୁ ଲକ୍ଷ ଲକ୍ଷ ଟଙ୍କାର ପ୍ରତ୍ୟେକ ଦିନ ଶାଗୁଆନ ଗଛ ଚୋରି ହେଉଛି ବନବିଭାଗ ପକ୍ଷରୁ ନୀରବଦ୍ରଷ୍ଟା। ଟମକା ବନାଞ୍ଚଳରେ ଅନ୍ତର୍ଗତ ମହାଗିରି ପାଦଦେଶର ଚୋରି ଲକ୍ଷ ଲକ୍ଷ ଟଙ୍କାର ବାଲିଆପାଳ ମୌଜା ଶଗଡ଼ଗୁଳା ଲାଗିଥିବା ଶାଗୁଆନ୍ ଜଙ୍ଗଲକୁ ପ୍ରତିଦିନ ଲୋକମାନେ ଦିନଦିପ୍ରହରରେ କାଟି ନେଉଥିବା ଦେଖିବାକୁ ମିଳିଛି। ସୁଚନା ମୁତାବକ ଏହି ଜଙ୍ଗଲଟିକୁ ଗ୍ରାମବାସୀ ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ଜଗି ରଖିଥିଲେ । ଯାହା ଫଳରେ ଦିନକୁ ଦିନ ଜଙ୍ଗଲର ବୃଦ୍ଧି ଘଟିବା ସହିତ ଫାଙ୍କା ସ୍ଥାନମାନଙ୍କରେ ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା। ସେହି ଘଞ୍ଚ ଜଙ୍ଗଲରେ ଦିନ ଥିଲା ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ ରହୁଥିଲେ। ଜଙ୍ଗଲ ନଷ୍ଟ ହେବା ଫଳରେ ବେଳେବେଳ ଖାଦ୍ୟ ଅନ୍ୱେଷଣରେ ହାତୀମଧ ଆସି ଏହିଠାରେ ରହୁଥିବାର ନଜିର ରହିଛି । ହାତୀଗୁଡିକ ଯେତେବେଳେ ଆସି ରହିଥାନ୍ତି ସ୍ଥାନୀୟ ଲୋକମାନେ ଜଙ୍ଗଲକୁ ଯାଇନଥାନ୍ତି । ସେହି ସମୟରେ ଜଙ୍ଗଲ ବିଭାଗ ପକ୍ଷରୁ ମଧ ଦିନ ରାତି ଜଗିରହିଥାନ୍ତି। କିନ୍ତୁ ହାତୀ ପଳାଇଲା ପରେ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କର ଦେଖାମିଳି ନଥାଏ । ଏହାର ସୁଯୋଗରେ ଲୋକମାନେ ପ୍ରତିଦିନ ଶାଗୁଆନ୍ ଗଛ କାଟି ନେଉଛନ୍ତି। ଏସଂପର୍କରେ ଗ୍ରାମବାସୀମାନେ ଜଙ୍ଗଲ ସୁରକ୍ଷା ରେଞ୍ଜର କିମ୍ବା ଫରେଷ୍ଟରକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନଥିବା ଦେଖିବାକୁ ମିଳିଛି । ସୁଚନା ଥାଉକି ମହାଗିରି ପାଦଦେଶର ପୂର୍ବପାର୍ଶ୍ୱରେ ଥିବା ଜଙ୍ଗଲର ରକ୍ଷଣା ବେକ୍ଷଣା ନିମନ୍ତେ ଶଗଡଗୁଳା ଠାରେ ଫେରେଷ୍ଟ ବିଟ୍ ନିର୍ମାଣ କରାଯାଇଥିଲା । ସେଠାରେ ମଧ ଜଙ୍ଗଲ ବିଭାଗର କର୍ମଚାରୀମାନେ ରହିଥାନ୍ତି ।



ଦୁଃଖର ବିଷୟ ବିଟ୍ କାର୍ଯ୍ୟାଳୟ ରେ ସବୁଦିନ ତାଲା ଝୁଲୁଥିବାର ନଜର ଆସିଛି । ସେହି ବିଟ କାର୍ଯ୍ୟାଳୟ ନିକଟରୁ ପ୍ରତିଦିନ ଗଛ କାଟିନେଉଥିଲେ ମଧ ଜଙ୍ଗଲ ବିଭାଗ ନିରବ ଦ୍ରଷ୍ଟା ସାଜି ଦେଖୁଛି। ଏସଂପର୍କରେ ଟମକା ବନାଂଚଳ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ କହନ୍ତି ବିଟ୍ କାର୍ଯ୍ୟାଳୟ ଓ ଜଙ୍ଗଲ ବିଭାଗ କର୍ମଚାରୀ ସବୁବେଳେ ସଜାଗ ରହିଥିବା ପ୍ରକାଶ କରିଥିଲେ । ପରିତାପର ବିଷୟ ଯେ ବନାଞ୍ଚଳ ଅଧିକାରୀ ନିଜ କର୍ମଚାରୀଙ୍କ ଦୋଷକୁ ଘଣ୍ଟ ଘୋଡାଇ ରଖୁଥିବା ନଜର ଆସିଛି । ଜଙ୍ଗଲ ନଷ୍ଟ କରି ନେଉଥିବା ଲୋକମାନଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ସାଧାରଣରେ ଦାବୀ ହେଉଛି ।

## ମୌଳିକ ସୁବିଧାରୁ ବଞ୍ଚିତ କିଆବାଡ଼ି ସାହିବାସୀ, ନିର୍ବାଚନ ଆସିଲେ ସରକାରଙ୍କର ମନେପଡେ ଲୋକଙ୍କ କଥା


ବାଂଶପାଳ, (ଭିଓଭି): ନିର୍ବାଚନ ପରେ ନିର୍ବାଚନ ଆସୁଛି କେତେ ନେତା ଯାଉଛନ୍ତି କେତେ ନେତା ବଦଳୁଛନ୍ତି, ହେଲେ ରହିଯାଉଛି ଲୋକଙ୍କ ମୌଳିକ ସମସ୍ୟା ଓ ଅଭାବ ଅସୁବିଧା,। ନିର୍ବାଚନ ବେଳେ ଭୋଟ ପାଇବାକୁ ଗାଁ ମୁହାଁ ହୋଇ ନେତାଏଁ କେତେ ଗୁହାରି ଓ କାକୁତି ମିନତୀ ହେଉଛନ୍ତି ହେଲେ ଭୋଟପାଇ ପଦବୀରେ ରହି କ୍ଷମତା ପାଇଲା ପରେ ନାଁ ସେ ଗାଁକୁ କେବେ ଯାଉଛନ୍ତି ନାଁ ଲୋକଙ୍କ ସମସ୍ୟା କେବେ କିଏ ଶୁଣୁଛନ୍ତି ନା କିଛି ପ୍ରତିକାର କେବେ କରୁଛନ୍ତି। ଆମେ କହୁଛୁ ବାଂଶପାଳ ବ୍ଲକ ନୟାକଟ ପଂଚାୟତର କିଆବାଡ଼ି ସାହିର ଚିତ୍ର, ଏଠାରେ ପ୍ରାୟ ୪୦ ପାଖାପଖି ପରିବାର ବସବାସ କରନ୍ତି ।ସ୍ୱାଧୀନତାର ଏତେ ବର୍ଷ ପରେ ବି ଆଜିବି ଗାଁକୁ ଆମ୍ବୁଲାନ୍ସ ଯିବାକୁ ନାହିଁ ଭଲ ରାସ୍ତା, ପିଇବାକୁ ନାହିଁ ଭଲ ପାଣି, ନାଁ ଗାଁରେ ଅଛି ଯୋଗାଯୋଗ କରିବାର କୌଣସି ସହଜ ସାଧ ବ୍ୟବସ୍ଥା ।ସରକାରୀ ଯୋଜନାରୁ ସମସ୍ତ ମୌଳିକ ସୁବିଧାରୁ ବଂଚିତ ଫୁଲବାଡ଼ି ସାହି ଗ୍ରାମବାସି, ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରା ଗାଁର ଚିତ୍ର ଏବେ ବିକାଶର ଅସଲି ଚରିତ୍ର ବଖାଣୁଛି ଏହି



ଦୃଶ୍ୟରେ କେମିତି ଦୂରରୁ ନାଳରୁ ଡହ ଖରାରେ ମୁଣ୍ଡରେ ହାଣ୍ଡି,ଗରା ଧରି ପାଣି ଆଣୁଛନ୍ତି ମହିଳା। ସରକାର ବସୁଧା ଯୋଜନା, ମେଗା ପାନୀୟ ଜଳ ଭଳି ପ୍ରକଳ୍ପ ଗ୍ରାମାଞ୍ଚଳରେ ଜନହିତରେ ଜାରି କରିଥିଲେ ମଧ, ଆଜିବି ଏହି ଫୁଲବାଡ଼ି ସାହି ବାସିନ୍ଦାଙ୍କ ପାଇଁ ଏହି ନାଳପାଣି ହିଁ ହୋଇଛି ଏକମାତ୍ର ଭରଷା, ରାସ୍ତା ଘାଟ କଥା ନ କହିବା ଭଲ, ଖରା ଦିନେ ଯେମିତିହେଲେ ଯିବା ଆସିବା କରିଥାନ୍ତି ହେଲେ ବର୍ଷା ଦିନେ ପୋଲୋ ନ ଥିବାହେତୁ ଜଳ ବନ୍ଦୀରେ ରହିଯାନ୍ତି, ବିଜୁଳି ତ ତାଙ୍କ ପାଇଁ ସାତସପନ ।

## ବିପଦପୂର୍ଣ୍ଣ ଅବସ୍ଥାରେ ୧୧ କେ.ଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର୍

ଧର୍ମଶାଳା, (ଭିଓଭି): କବାଟବନ୍ଧ ଟାଟା ପାୱାର୍ ବିଦ୍ୟୁତ୍ ସେକସନ୍ ଅଧିନରେ ଥିବା ବୃନ୍ଦାଦେଇପୁର ପଞ୍ଚାୟତର ମଧ ଭାଗରେ ୧୧ କେ.ଭି ବିଦ୍ୟୁତ୍ ଟ୍ରାନସ୍ଫରମର ଟି ଦୀର୍ଘଦିନ ହେଲା ବିପଦପୂର୍ଣ୍ଣ ଅବସ୍ଥାରେ ରହିଆସିଛି। ଗ୍ରାମରେ ବେଦ୍ୟୁତିକ ସମସ୍ୟା ଦେଖା ଦେଲେ ଲାଇନ୍ କାଟି ସଡ୍ ଡାଉନ୍ ନେବା ପାଇଁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଦୀର୍ଘଦିନ ହେଲା ଏଣୁତେଣୁ ଗଛ ଉଠି ଟ୍ରାନସ୍ଫର୍ ଚାରି ପାର୍ଶ୍ୱରେ କୃତ୍ରିମ ଜଙ୍ଗଲ ଭଳି ଦୃଶ୍ୟମାନ ହେଉଛି। ଯାହା ଫଳରେ ଯେ କୌଣସି ବିଦ୍ୟୁତ୍ ସମସ୍ୟା ଦେଖାଦେଲେ ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ ପଡିଥାଏ ।ସେହପରି ଦଇପୁର ଗ୍ରାମରେ ଥିବା ଟ୍ରାନସ୍ଫରମରଟି ଖୋଲାରେ ଥିବା ବେଳେ ଗୋରୁ ଗାଇ ଛେଳି ,ମେଣ୍ଢା ଚରୁଥିବା ବେଳେ



କେତେବେଳେ ମୃତ୍ୟୁର ଶିକାର ନ ହେବେ କିଏ କହିବ। ନିୟମ ଅନୁଯାୟୀ ବିଦ୍ୟୁତ୍ ଟ୍ରାନସ୍ଫରମର ଚାରିପାର୍ଶ୍ୱରେ ସୁରକ୍ଷା ତାର ଜାଲି ଓ ସିମେଣ୍ଟ ଖୁଣ୍ଟ ଦ୍ୱାରା ଆବଦ୍ଧ କରି ସୁରକ୍ଷା ଦେବା କଥା କିନ୍ତୁ ଏଥି ପ୍ରତି ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ । କେବେ ଦୃଷ୍ଟି ପଡିବ ତାହା ଦେଖିବାକୁ ବାକି ରହିଲା। ଏହାକୁ ତୁରନ୍ତ ସୁରକ୍ଷା ତାର ଜାଲି ଆବଦ୍ଧ କରିବା ସହ ସୃଷ୍ଟି ହୋଇଥିବା କୃତ୍ରିମ ଜଙ୍ଗଲକୁ ସଫା କରି ବିଦ୍ୟୁତ୍ ପରିଚାଳନା କରିବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି।

# Navigating Climate Crossroads: Global Challenges and Collaborative Actions



Nihar Ranjan Acharya

The 21st century is a defining moment for humanity, as we find ourselves at a critical juncture where the choices we make will determine the future of our planet. The climate crisis is no longer a distant threat; it is a present reality affecting ecosystems, economies, and communities worldwide. Rising temperatures, extreme weather events, melting glaciers, and sea-level rise underscore the urgency of collective action to address this existential challenge.

**The Global Challenges**

1. Rising Temperatures and Heatwaves: The Intergovernmental Panel on Climate Change (IPCC) warns that global temperatures could rise by 1.5°C above pre-industrial levels within the next decade if emissions are not curbed. This increase will exacerbate heatwaves, droughts, and wildfires, threatening agriculture, water security, and human health.

2. Extreme Weather Events: Hurricanes, floods, and cyclones are becoming more frequent and intense due to warming oceans and atmospheric instability. These events displace millions, destroy infrastructure, and impose economic burdens on nations.

3. Loss of Biodiversity: Climate change accelerates habitat loss, pushing countless species toward extinction. The degradation of ecosystems disrupts food chains and diminishes nature's capacity to provide critical services like pollination, water purification, and carbon sequestration.

**4. Economic Inequalities:** Developing nations bear the brunt of climate impacts despite contributing the least to greenhouse gas emissions. Climate-induced disasters deepen poverty, widen social disparities, and strain already limited resources.




**Collaborative Actions: A Path Forward**

1. International Cooperation: Agreements like the Paris Accord are vital frameworks for collective climate action. Nations must commit to ambitious targets for reducing emissions, transitioning to renewable energy, and providing financial support to vulnerable countries.

**2.Innovation and Technology:** Advancements in renewable energy, carbon capture, and sustainable agriculture offer hope. Investment in green technologies can accelerate the transition to a low-carbon economy while creating jobs and fostering economic growth.

**3.Community Engagement:** Grassroots movements and local initiatives play a pivotal role in driving change. From tree-planting campaigns to sustainable farming practices, community-led efforts demonstrate the power of collective action.

**4.Education and Awareness:** Empowering individuals with knowledge about climate science and sustainable living can create a ripple effect. Schools, media, and social platforms must prioritize climate literacy to inspire responsible behavior.

**5. Policy and Governance:** Governments must enact robust policies to phase out fossil fuels, incentivize renewable energy adoption, and enforce environmental regulations. Transparent governance ensures accountability and accelerates progress.

**The Role of Individuals**

While systemic changes are essential, individual actions matter too. Simple lifestyle adjustments, such as reducing energy consumption, opting for public transportation, minimizing waste, and supporting eco-friendly products, can collectively make a significant impact. Advocacy and participation in climate dialogues amplify the call for urgent action.

**A Call to Action**

The climate crossroads demand a united front, transcending borders, ideologies, and economic interests. It is a challenge that requires every stakeholder—governments, businesses, scientists, activists, and citizens—to work in unison. By embracing sustainable practices, fostering innovation, and building resilience, we can navigate this crisis and secure a livable planet for future generations.

The time to act is now. Our choices today will echo through the annals of history as either a testament to humanity's resolve or a cautionary tale of neglect. Let us choose wisely.

**Conclusion**

As we stand at this pivotal moment, the need for decisive and collective action has never been greater. Every effort, no matter how small, contributes to the larger goal of safeguarding our planet. By fostering a global culture of sustainability and collaboration, we can turn challenges into opportunities and pave the way for a future where humanity and nature thrive together. The climate crisis is a call to redefine our relationship with the Earth, and through unity, resilience, and innovation, we can rise to this challenge.

*Founder and Working Director, TRUST - a Science and Environment Lover Organization*
*Ph.8249775817*
*E-mail: nihar.acharya@rediffmail.com*

# ଡିଜିପି-ଆଇଜି ସମ୍ମିଳନୀକୁ ଉଦ୍‌ଘାଟନ କଲେ ଶାହା




ଭୁବନେଶ୍ୱର: ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ସର୍ବଭାରତୀୟ ୫୯ତମ ଡିଜି-ଆଇଜି ସମ୍ମିଳନୀକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏନଏସ୍ଏ ଅଜିତ ଡୋଭାଲ ଉପସ୍ଥିତ ଥିଲେ। ସମ୍ମିଳନୀରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ ବିଚାରବିମର୍ଶ କରାଯିବ। ଏଥିରେ ସମସ୍ତ ରାଜ୍ୟର ଡିଜି-ଆଇଜିଙ୍କ ସହ ବିଭିନ୍ନ ଏଜେନ୍ସି ମୁଖ୍ୟ ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ୩ ଦିନ ଧରି ଚାଲିବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ଆସି ପହଞ୍ଚି ଥିଲେ। ପରେ ଲୋକସେବା ଭବନରେ ପହଞ୍ଚି ଆନୁଷ୍ଠାନିକ ଭାବେ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଅନ୍ୟପକ୍ଷେ ସମ୍ମିଳନୀରେ ଯୋଗ ଦେବାନେଇ ପ୍ରଧାନମନ୍ତ୍ରୀ ମୋଦି ଅପରାହ୍ନ ୪ଟା ୨୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏପରିକି ଅତିଥିଙ୍କୁ ସ୍ୱାଗତ ଓ ସହାୟତା ପାଇଁ ବିମାନବନ୍ଦରରେ କମିଶନରେଟ ପୋଲିସ ପକ୍ଷରୁ କ୍ୟାମ୍ପ ସାଙ୍ଗକୁ ୨ଟି ହେଲ୍ପ ଡେସ୍କ ଖୋଲାଯାଇଛି। ମୋଦିଙ୍କ ଗସ୍ତକୁ ନେଇ ଭୁବନେଶ୍ୱରର ବିଭିନ୍ନ ରୁଟ୍‌ରେ ଟ୍ରାଫିକ କଟକଣା କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାବାସୀଙ୍କ ସେବା କରୁଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଆୟୋଜିତ 'ସମ୍ବର୍ଦ୍ଧନା ସଭା' କାର୍ଯ୍ୟକ୍ରମରେ ବରିଷ୍ଠ ନେତୃତ୍ୱଙ୍କ ସହ ଯୋଗଦେଇ ଓଡ଼ିଶାବାସୀଙ୍କ ତରଫରୁ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଓଡ଼ିଶା ମାଟିକୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ହେଉଛି ଓଡ଼ିଶା ପାଇଁ ଏକ ଐତିହାସିକ ଦିନ। ରାଜ୍ୟରେ ସରକାର ହେବା ପରେ ଆଜି ତୃତୀୟ ଥର ପାଇଁ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ପ୍ରତି ଏ ସ୍ନେହ, ଶ୍ରଦ୍ଧା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନକରୁଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଆମ ସରକାର ଓଡ଼ିଶାବାସୀଙ୍କ ସେବା କରୁଛି। ସରକାର ଆସିବାର ୫ ମାସ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ'କୁ ମୂଳମନ୍ତ୍ର କରି ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି। ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନର ସୁରକ୍ଷା ସହ ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା ଦ୍ୱାରା ଏକ କୋଟି ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଚାଷୀଙ୍କ ଉନ୍ନତି ପାଇଁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା ପାଇଁ ନିଷ୍ପତ୍ତି ନିଆଯାଇ ପ୍ରତିଶ୍ରୁତି ପୂରଣ କରାଯାଇଛି। ରାଜ୍ୟରେ ଶିଳ୍ପ କ୍ଷେତ୍ରର ବିକାଶକୁ ଆଗେଇନେବା ପାଇଁ 'ଉତ୍କର୍ଷ ଓଡ଼ିଶା' ମାଧ୍ୟମରେ ପୁଞ୍ଜିନିବେଶ ଦିଗରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟକୁ ମୋଟ ୧ ଲକ୍ଷ ୮୦ ହଜାର କୋଟିର ପୁଞ୍ଜି ନିବେଶକୁ ଅନୁମୋଦନ ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଖୁବ କମ ଦିନରେ ୧୮ ହଜାର ସରକାରୀ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ସେଥିରେ ଓଡ଼ିଶାର ବହୁତ ବଡ ଯୋଗଦାନ ରହିଛି। ୨୦୩୬ ମସିହାରେ ଯେବେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ, ସେବେ 'ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା' ଗଠନ ହେବ ଯାହାକି 'ବିକଶିତ ଭାରତ' ନିର୍ମାଣରେ ବିଶେଷ ସହଯୋଗ କରିବ।



# Know your traffic rules: A Victim-Centric Guide to road safety



Dr. Pallab Das
Dean and Associate Professor of Law, Centurion University, Bhubaneswar
drpallabd@gmail.com



Aryottansh Panigrahi
LLM (Specialization in Maritime law) Centurion University of Technology and Management
Email- panigrahiarya190@gmail.com

Road safety has become a major problem in India thanks to the country's rapid urbanization and the increasing number of vehicles. Every day there are traffic accidents that emphasize where urgent proper traffic regulation is needed. This article examines the understanding of traffic rules in India, the victim-centric approach to road safety and important case laws affecting the legal framework for road safety in India.

The Motor Vehicles Act, 1988 is the cornerstone of road safety laws in the country. The law provides guidelines for vehicle registration, licenses, traffic rules and penalties for violations. Additionally, there are certain provisions of the Bharatiya Nyaya Sanhita (BNS) that come into play when violations result in accidents, injuries or death.

The Motor Vehicles (Amendment) Act, 2019 amendment introduced increased fines for offenses such as over speeding, rash driving and driving without a valid license. For example, the fine for driving without having seat belt on have been significantly increased, and stricter rules have been introduced for drink and drive cases. A distinctive feature of the amendments is the introduction of electronic monitoring for more effective enforcement of road traffic regulations. With the increasing use of surveillance cameras, automatic license plate recognition systems, enforcement has become more consistent, reducing the potential for human error and corruption.

Licensing and Registration is a must, every driver must have a valid driving license, and every vehicle must be registered from the Regional Transport Authority (RTO) before using it on public roads. Section 177 of the Act provides punishment for driving without having a driving license or driving an unregistered vehicle.

The act lays down penalties for various traffic offences, Section 185 makes it a criminal offense for driving a vehicle under the influence of alcohol or drugs and provides punishment for same in way of fine and imprisonment. Section 183 provides for over speeding, while Section 184 deals with dangerous driving. Penalties may vary depending on the severity of the offence.

In recent years, India has introduced digital traffic enforcement in form of electronic challan. It allows authorities to issue fines virtually by sending message via registered phone number of vehicle, reducing old school manual intervention work and increasing transparency in the process. The e-challan also allows vehicle owners to view and pay fines online through e challan parivahan site.





While the Motor Vehicles Act handles day-to-day traffic violations, the Bharatiya Nyaya Sanhita (BNS) addresses more serious offenses that arise when traffic violations result in accidents causing injury or death. Section 106 of the Bharatiya Nyaya Sanhita (BNS) Act talks about causing death by negligence, often used in cases where an accident results from reckless or negligent driving. Section 281 of the act deals with rash driving or riding on a public way, which is applicable when a driver's actions endanger public safety. Whereas Section 125(B) of the act provides for causing grievous hurt by act endangering life or personal safety of others, applicable when an accident causes serious injury.

Road traffic rules and penalties are no doubt essential to prevent violations, but a victim centric approach to road safety is much important and gained its recognition in recent years. This concept focuses on the recognizing the rights of accident victims and emphasizes the need for speedy justice and compensation. In a country like India, where traffic accidents cause several deaths and injuries, the victim-oriented approach ensures that individuals and families affected by such accidents are not left to fight alone without support.

In case of India, where road accidents contribute to a high incidence of deaths and injuries, this victim-centric model is essential. It serves to ensure that individuals and families affected by such tragic events receive the necessary support. Some key aspects of Victim-Centric approach are that the Motor Vehicles act contains provisions on compensation for victims of traffic accidents. In case of death or serious injury, the victim or his family are entitled to compensation. This is especially crucial for families suffering emotionally and financially due to accident. One of the main features of the victim-centric model is the concept of no-fault liability. Under this concept, compensation is provided to the victim or their family even if the driver is not at fault. The compensation is generally paid by the insurance company, making sure that victims receive immediate financial assistance, especially in hit-and-run cases where the responsible party is unknown.

In addition to financial compensation, the victim -centric method also calls for the recovery of the victims of the accident, especially those who suffer from permanent disability. This includes medical, physical therapy and mental health support. Many NGOs and government agencies are working to ensure that victims receive adequate care and rehabilitation assistance.

Several significant legal cases in India have, over the years, influenced the legal framework related to traffic violations and the rights of accident victims. The Supreme Court of India, in the case of K.K. Verma v. Union of India (2011), addressed the issue of inadequate compensation for victims of road traffic accidents. The Court emphasized that the compensation provided under the Motor Vehicles Act should be sufficient to support the financial recovery of victims and their families after such incidents. Additionally, the Court required the government to ensure timely payment of compensation and to enforce no-fault liability provisions. This ruling underscored the importance of a victim-oriented approach and the need for insurance companies to fulfil their responsibilities without delay.

In the landmark case of Sarla Verma v. Delhi Transport Corporation (2009), Supreme Court established that the calculation of compensation should consider the income of the deceased as well as the age of the victim, ensuring that the compensation reflects the actual financial losses suffered by the victim's family. This case provided a framework for compensation assessment in road accident cases, which has been adopted in various later judgments.

Recognizing and following traffic regulations is not merely about avoiding fines or legal complications; it fundamentally revolves around the protection of lives and the prevention of trauma. By following a victim-centric approach, we integrate empathy and responsibility into our actions on the road. Benjamin Franklin once said, 'An ounce of prevention is worth a pound of cure', this quote reminds us that simple preventive actions, like following traffic rules, can go a long way in preventing accidents and saving lives. Committing to traffic regulations can elevate them from legal requirements to a reflection of shared respect and decency, fostering safer travel for all.

"Money can't buy life, and no amount of compensation can replace a lost soul. Drive safely, every life on the road is priceless."

# JSW Foundation Enhances 20 Anganwadi Centers in Partnership with Akanksha Ladies Club

Bhubaneswar: In a significant stride towards improving early childhood education, the JSW Foundation, in collaboration with the Akanksha Ladies Club from JSW BPSL Sambalpur, has upgraded the infrastructure of 20 Anganwadi centers in Rengali Block, Sambalpur. This initiative, part of the Foundation's CSR efforts, underscores its commitment to education in rural areas. Over the past two years, these efforts have transformed 20 village centers into child-friendly environments, addressing the critical need for early education in rural areas. Mrs. Neelam Singh, President of the Akanksha Ladies Club, has been instrumental in this transformation. By responding to community needs, she has provided essential items such as extra fans, tube lights, utensil racks, and kitchen utensils, significantly enhancing the centers' functionality. Mrs. Singh remarked, "Our goal is to create a nurturing and stimulating environment for children. By improving these centers, we are investing in the future of our communities."Through her leadership and vision, Mrs. Singh continues to play a vital role in improving the lives of children and communities in the Rengali Block, highlighting the importance of education and infrastructure development in rural areas. During the distribution event, Mr. Vishal Raj, CSR Head, emphasized the JSW Foundation's dedication to such impactful projects.

# ବସଷ୍ଟାଣ୍ଡରେ ଶୌଚାଳୟ ପାଇଁ ଦାବି

ସତ୍ୟବାଦୀ (ଭିଓଭି): ସାକ୍ଷୀଗୋପାଳ ବସଷ୍ଟାଣ୍ଡ ପୋଷ୍ଟଅଫିସ୍ ଆଗରେ ପୁରୀ ଷ୍ଟାଣ୍ଡ ହୋଇଥିବା ବେଳେ ଡ଼ାକ୍ତରଖାନା ପାର୍ଶ୍ୱରେ ଭୁବନେଶ୍ୱର ପାଇଁ ଷ୍ଟାଣ୍ଡ। ଯଦିଓ୍ ଉଭୟ ପାର୍ଶ୍ୱରେ ବସଷ୍ଟାଣ୍ଡ ବୋଲି ଲେଖା ଯାଇ ନାହିଁ ତଥାପି ଏହାହିଁ ବସଷ୍ଟାଣ୍ଡ ସମସ୍ତଙ୍କ ପାଇଁ। ପ୍ରତିଦିନ ହଜାର ହଜାର ଲୋକଙ୍କ ଯାତାୟାତ ଥିବା ସତ୍ତ୍ୱେ ଏଠାରେ ଗୋଟିଏ ଶୌଚାଳୟର ଅଭାବ ଅନେକ ଦିନ ହେବ ଅନୁଭୂତ ହେଉଅଛି। ଯେବେ ସାକ୍ଷୀଗୋପାଳରେ ଓଭରବ୍ରିଜ ହେବାର କାର୍ଯ୍ୟ ଆରମ୍ଭ ହେଲା ସେବେଠାରୁ ଏଠାରେ ଥିବା ଶୌଚାଳୟଟିକୁ ଭାଙ୍ଗି ଦିଆଗଲା। ଆଶା ଥିଲା ଏହି କାର୍ଯ୍ୟର ଦାୟିତ୍ୱରେ ଥିବା ଏନ୍‌ଏଚ୍‌ଏଆଇ ଏ ସବୁକୁ ଆଉଥରେ ନିର୍ମାଣ କରିବ, କିନ୍ତୁ ସାକ୍ଷୀଗୋପାଳରେ ଏ ପର୍ଯ୍ୟନ୍ତ ବସ ରହିବା ସ୍ଥାନ ନିରୂପଣ ହୋଇପାରିଲା ନାହିଁ, ପିଇବା ପାଣି ଓ ଶୌଚାଳୟତ ତ ପଛ କଥା। ଶୌଚାଳୟ ଅଭାବରୁ ଆସୁଥିବା ଲୋକ ମାନେ ଅକଥନୀୟ ଅସୁବିଧା ଭୋଗ କରୁଛନ୍ତି ବିଶେଷ କରି ମହିଳାମାନେ। ସ୍ଥାନୀୟ ଲୋକମାନେ ବିଶେଷକରି ସାକ୍ଷୀଗୋପାଳ ବସଷ୍ଟାଣ୍ଡରେ ଗଠିତ ହୋଇଥିବା ଶ୍ରୀ ବାଟ ମହାବୀର ଅଟୋ ଆସୋସିଏସନର କର୍ମକର୍ତ୍ତା ଙ୍କ କହିବା କଥା ଏ ଦିଗରେ ତାଙ୍କ ଅନୁଷ୍ଠାନ ଅନେକ ଥର ସରକାରୀ ସ୍ତରରେ ଦାବି କରିଥିଲେ ମଧ୍ୟ ଏ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି।



ସତ୍ୟବାଦୀର ବାସିନ୍ଦା ତଥା ସାମ୍ବାଦିକ ମାନେ ବାରମ୍ବାର ଖବରକାଗଜ ତଥା ସାମାଜିକ ଗଣମାଧ୍ୟମରେ ଏ ବିଷୟରେ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ ଏହି ପ୍ରସଙ୍ଗ ଅଣଦେଖା ହୋଇ ରହିଛି। ଏହି ସମସ୍ୟାର ଗୁରୁତ୍ୱ କୁ ଅନୁଭବ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଅଛି।

# ଦୁର୍ନୀତି, ଅନିୟମିତତା ଓ ଅବମାନନା ଅଭିଯୋଗ

## ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

ସାକ୍ଷୀଗୋପାଳ, ସତ୍ୟବାଦୀ (ଭିଓଭି) : ଓଡିଶା ରାଜ୍ୟ ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ତରଫରୁ ଆଦେଶ ସଂଖ୍ୟା ୫/ ୨୦୨୪ ୟୁ/ ଏସ୍-୪୨(୮) ଅନୁଯାୟୀ ପୁରୀ ଜିଲ୍ଲା ଶ୍ରୀ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଙ୍କୁ ରାଜ୍ୟ ଦେବୋତ୍ତର କମିଶନର ନିଲମ୍ବିତ କରିଛନ୍ତି। ତୁରନ୍ତ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର ପରିଚାଳନା କମିଟି ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବି କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ କି, ଗତ ୨୦୨୨ ମସିହାରେ ଦେବୋତ୍ତର ବିଭାଗ ଶ୍ରୀ ତ୍ରିପାଠୀ ଙ୍କୁ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ଏକବର୍ଷ ପାଇଁ ନିଯୁକ୍ତି ଦେଇଥିଲେ। ବିନା ପାରିଶ୍ରମିକରେ ସେ ଏହି



ଦାୟିତ୍ୱରେ ଥିବା କୁହାଯାଉଛି। ଦେବୋତ୍ତର କମିଶନରଙ୍କ ଆଦେଶନାମା ରୁ ଏହା ସ୍ପଷ୍ଟ ହୋଇଛି ଯେ ଶ୍ରୀ ତ୍ରିପାଠୀଙ୍କ ବିରୁଦ୍ଧରେ ବ୍ୟାପକ ଦୁର୍ନୀତି, ଅନିୟମିତତା ଓ ଉପରିସ୍ଥ ଅଧିକାରୀଙ୍କ ଆଦେଶ ଅବମାନନା ପ୍ରଭୃତି ଅଭିଯୋଗ ହେବା ଫଳରେ ତାଙ୍କୁ ଏହି ସବୁ ଅଭିଯୋଗର ତଦନ୍ତ ଓ ତଦାନୁଯାୟୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଏସମ୍ପର୍କରେ ସତ୍ୟବାଦୀ ତହସିଲଦାର ଙ୍କୁ ଲିଖିତ ସୂଚନା ମିଳିଛି ବୋଲି ତହସିଲଦାର ସନ୍ତୋଷ ପାଣିଗ୍ରାହୀ କହିଛନ୍ତି। ସତ୍ୟବାଦୀ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ନିବାସୀ ଶ୍ରୀ ବିଶ୍ୱବାସୀ ତ୍ରିପାଠୀ ଜଣେ ଭିନ୍ନକ୍ଷମ ହୋଇଥିବା ସତ୍ତ୍ୱେ ତାଙ୍କୁ ମନ୍ଦିର ପରିଚାଳନା ଭଳି ଏକ ସମ୍ବେଦନଶୀଳ ପଦବୀରେ କାହିଁକି ରଖାଯାଇଥିଲା ଏହା କିଛି ବୁଦ୍ଧିଜୀବି ପ୍ରଶ୍ନ ଉଠାଇଛନ୍ତି।

# କେନ୍ଦ୍ରାପଡା ଝିଅ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ

କେନ୍ଦ୍ରାପଡା, : ଗତ ୨୨ ତାରିଖେର ଦିଲ୍ଲୀର ଜବାହାର ଲାଲ ନେହୁର ଷ୍ଟାଡିୟମେର ଦୀର୍ଘ ୩ ଦିନଧରି ଅନୁଷ୍ଠିତ ହୋଇଥିବା ଓଡିଶା ପର୍ବରେ ଲିଜା କ୍ଲାଉଡ୍ କିଚେନ ନାମରେ ପିଠା ଓ ମିଠା ଷ୍ଟଲ୍ ଖୋଲି ଦିଲ୍ଲୀର ଖୁବ୍ ଚର୍ଚ୍ଚାକୁ ଆସିଥିବା କେନ୍ଦ୍ରାପଡା ବ୍ଲକ ଅନ୍ତଗର୍ତ ନିକିରାଇ ଗ୍ରାମର ପିତା - ରାଧାରମଣ ସିଂ ଓ ମାତା - ଅଳକା ସିଂ ଏବଂ ସଦର ଥାନା ଅନ୍ତଗର୍ତ ମାହାରାକୂଳ ଗ୍ରାମର ଗୁରୁଚରଣ ଧଳଙ୍କ ପତ୍ନୀ ଦିଲ୍ଲୀରେ ରହୁଥିବା ଓଡିଶା ମାଟିର ଝିଅ ସବର୍ଦାତ୍ରୀ ସିଂଙ୍କୁ ତାଙ୍କ ଷ୍ଟଲ୍ ନିକଟକୁ ଆମ ଦେଶର ମହା ମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ଷ୍ଟଲ ନିକଟକୁ ଯାଇ ବୁଲି ଦେଖିବା ସଙ୍ଗେ ସଙ୍ଗେ ତାଙ୍କୁ ଭେଟି ତାଙ୍କ ହାତ ତିଆରି



ବିଭିନ୍ନ ପିଠା, ପଣା ସହିତ ଅନ୍ୟାନ୍ୟ ବହୁ ପ୍ରକାରର ଖାଦ୍ୟ ସାମଗ୍ରୀ ଖାଇ ତାଙ୍କୁ ଅଜସ୍ର ପ୍ରଶଂସା କରିବା ସହିତ ଓଡିଶା ପର୍ବ ଉଦ୍‌ଯାପନୀ ମ□ରେ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱତନ୍ତ୍ର ଭାବେ ଓଡିଶା ବେଷ୍ଟ ଆୱାର୍ଡ ବା ସମ୍ମାନରେ ସମ୍ମାନୀତ କରିଥିବା ସବର୍ଦାତ୍ରୀ ସିଂ ନିଜେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ଆହୁରି ମଧ୍ୟ ସେ କହିଛନ୍ତି ଯେ - ତାଙ୍କ ଷ୍ଟଲରୁ ପ୍ରତିଦିନ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟକୁ ପରୀକ୍ଷା ନିମନ୍ତେ କିଛି ସାମ୍ପୁଲ ଖାଦ୍ୟ ମଧ୍ୟ ସେମାନଙ୍କ ଖାଇବା ନିମନ୍ତେ କଡା ନିରାପତା ବଳୟ ମଧ୍ୟରେ ପଠା ଯାଉଥିଲା ।

# ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ ପ୍ରବନ୍ଧକ ନିଯୁକ୍ତି

ସତ୍ୟବାଦୀ (ଭିଓଭି) : ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଅଧୁନା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଯୁଗ୍ମ ସଚିବ ଭାବରେ କାର୍ଯ୍ୟରତା ଶ୍ରୀମତୀ ଜସ୍ମିନ ପଟ୍ଟନାୟକଙ୍କୁ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଗତ ୨୮-୧୧-୨୦୨୪ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ଜିଏଡି-ଏସଇଆର-୨-ଟିପି-୦୦୧୩-୨୦୨୩-୩୬୦୧୮/ଏସସିଏସ ଅନୁସାରେ ସତ୍ୟବାଦୀ ରେ ସ୍ଥାପିତ ହୋଇଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ର ନୂତନ ପ୍ରବନ୍ଧକ (ରେଜିଷ୍ଟ୍ରାର) ଭାବରେ ମହାମହିମ ରାଜ୍ୟପାଳଙ୍କ ଦପ୍ତରରୁ ନିଯୁକ୍ତି ଦିଆ ଯାଇଅଛି। ଖୁବ୍ ଶୀଘ୍ର ଶ୍ରୀମତୀ ପଟ୍ଟନାୟକ ଦାୟିତ୍ୱ ନେବେ ବୋଲି ସୂଚନା ମିଳିଛି।




# ଜରୁରୀ ଯୋଗାଯୋଗ

| | |
|---|---|
| ପୁଲିସ କଣ୍ଟ୍ରୋଲ ରୁମ୍ | |
| ଆମ୍ବୁଲାନ୍ସ | |
| ପ୍ରସୂତି ଓ ଶିଶୁ | -୧୧୨ |
| ଅଗ୍ନିଶମ | |
| ମହିଳା ହେଲ୍ପଲାଇନ | |
| ଚାଇଲ୍ଡ ଲାଇନ | |
| ଡିସିପି କାର୍ଯ୍ୟାଳୟ | - ୨୫୪୦୫୫୫ |
| ସିବିଆଇ କାର୍ଯ୍ୟାଳୟ | - ୨୫୬୧୫୬୭ |
| ଟ୍ରାଫିକ୍ ଥାନା | -୨୫୩୦୯୪୧ |
| ଗୁଇନ୍ଦା ବିଭାଗ | - ୨୫୪୦୨୯୪ |
| ଅଗ୍ନିଶମ (କଳ୍ପନା) | - ୨୩୧୨୦୮ ୮ |
| | ୨୩୧୨୦୮୯ |
| ଅଗ୍ନିଶମ( ଚନ୍ଦ୍ରଶେଖରପୁର) | -୨୭୪୪୪୪୦ |
| ଅଗ୍ନିଶମ (ସଚିବାଳୟ) | -୨୩୯୦୪୫୪ |
| ହାଇୱେ ଆମ୍ବୁଲାନ୍ସ | -୧୮୦୦୪୨୦୮୨୮୯ |
| ଓଡ଼ିଶା ବ୍ଲଡ ବ୍ୟାଙ୍କ | -୨୩୯୪୯୮୫ |
| କ୍ୟାପିଟାଲ ହସ୍‌ପିଟାଲ | -୨୩୯୧୯୮୩ |
| ଜଳଯୋଗାଣ ନିୟନ୍ତ୍ରଣ କକ୍ଷ | -୨୫୪୩୬୪୭ |
| ବରମୁଣ୍ଡା ବସ୍ ଅନୁସନ୍ଧାନ | - ୨୩୫୪୭୬୯ |
| ରେଳବାଇ ଅନୁସନ୍ଧାନ | -୧୩୯୦୬୭୪-୨୫୩୨୨୩୩ |
| ସାଇବର ଅପରାଧ ସେଲ୍ | - ୭୪୪୦୦୦୬୭୦୯ |

### ବିଏମ୍‌ସି

| | |
|---|---|
| ମେୟର | -୨୪୩୧୧୭୧ |
| | -୨୪୩୧୧୭୧ |
| କମିସନର | -୨୪୩୧୪୦୩ |
| ଅତିରିକ୍ତ କମିସନର | - ୨୪୩୪୭୪୨ |
| ବିଏମ୍‌ସି ଜୋନ୍ କାର୍ଯ୍ୟାଳୟ (ଉତ୍ତର) | -୨୩୦୧୦୦୨ |
| ବିଏମ୍‌ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପଶ୍ଚିମ) | -୨୫୫୨୭୧୫ |
| ବିଏମ୍‌ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପୂର୍ବ) | -୨୪୩୧୩୪୩ |

### ସ୍ମାର୍ଟସିଟି

| | |
|---|---|
| ନିଯନ୍ତ୍ରଣ କକ୍ଷ | -୧୮୦୦୩୪୫୦୦୬୧ |
| ଦାଦାବଟିକୁ 'ନା' | -୯୯୩୮୯୧୦୦୦୦ |
| ସାଇବର ଠକେଇ ଅଭିଯୋଗ | - ୭୪୪୦୦୦୬୭୦୯ |
| ସ୍ୱେରେଜ ବୋର୍ଡ | -୦୬୭୪-୨୫୩୬୯୦୩ |
| ସେପ୍ଟିକ ଟାଙ୍କ/ ସ୍ୱେରେଜ ଲାଇନ | -୧୪୪୨୦ |

## ସଂରକ୍ଷଣ ପାଇଁ ଧର୍ମ ପରିବର୍ତ୍ତନ

# ସମ୍ବିଧାନ ପ୍ରତି ବିଶ୍ୱାସଘାତ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ ସଂରକ୍ଷଣର ଲାଭ ପାଇବା ପାଇଁ ଧର୍ମ ପରିବର୍ତ୍ତନ କରିବା ସମ୍ବିଧାନର ମୌଳିକ ଭାବନାର ବିରୁଦ୍ଧ ଅଟେ। ଏଥିସହ ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାଏମ୍ ରଖିଛନ୍ତି। ମାଡ୍ରାସ ହାଇକୋର୍ଟ ଜଣେ ଖ୍ରୀଷ୍ଟିଆନ ମହିଳାଙ୍କୁ ଏକ ଅନୁସୂଚିତ ଜାତି (ଏସ୍‌ସି) ପ୍ରମାଣପତ୍ର ଦେବାକୁ ମନା କରିଥିଲେ। ଏହି ମହିଳା ପୁଡୁଚେରୀରେ ଅପର ଡିଭିଜନ୍ କ୍ଲର୍କ (ୟୁଡିସି) ଚାକିରି ପାଇଁ ଏସ୍‌ସି ସାର୍ଟିଫିକେଟ୍ ଚାହୁଁଥିଲେ। ଏଥିପାଇଁ ସେ ନିଜକୁ ହିନ୍ଦୁ ବୋଲି ଘୋଷଣା କରିଥିଲେ।ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ଆର. ମହାଦେବନଙ୍କ ନେତୃତ୍ୱରେ ଗଠିତବେଞ୍ଚ କହିଛନ୍ତି ଯେ ମହିଳା ଖ୍ରୀଷ୍ଟିଆନ ଧର୍ମ ଅନୁସରଣ କରନ୍ତି ଏବଂ ନିୟମିତ ଚର୍ଚ୍ଚକୁ ଯାଆନ୍ତି। ଏହା ସତ୍ତ୍ୱେ ସେ ଏହି ଚାକିରି ପାଇଁ ଜଣେ ହିନ୍ଦୁ ଏବଂ ଅନୁସୂଚିତ ଜାତିର ବ୍ୟକ୍ତି ବୋଲି ଦାବି କରୁଛନ୍ତି। ଏହିପରି ଦୋହରା ଦାବି ଠିକ୍ ନୁହେଁ । ଅଦାଲତ କହିଛନ୍ତି ଏହି ମାମଲା ଏକ ବଡ଼ ପ୍ରଶ୍ନ ସହିତ ଜଡିତ ଯେଉଁଥିରେ ଧର୍ମକୁ ଏସ୍‌ସି / ଏସ୍‌ଟି ସଂରକ୍ଷଣର ଆଧାର କରିବା ପାଇଁ ସାମ୍ବିଧାନିକତା ଉପରେ ଶୁଣାଣି ଚାଲିଛି। ଏଥିରେ ଖ୍ରୀଷ୍ଟିଆନ ଏବଂ ମୁସଲମାନ ଦଳିତଙ୍କ ପାଇଁ ସଂରକ୍ଷଣ ଦାବି କରାଯାଇଛି। ୧୯୫୦ର ରାଷ୍ଟ୍ରପତିଙ୍କ ଆଦେଶ ଅନୁଯାୟୀ କେବଳ ହିନ୍ଦୁମାନେ ଏସ୍‌ସି ମାନ୍ୟତା ପାଇପାରିବେ। ସଂରକ୍ଷଣ ପାଇଁ ଶିଖ୍ ଏବଂ ବୌଦ୍ଧଧର୍ମୀମାନଙ୍କୁ ମଧ୍ୟ ହିନ୍ଦୁ ବୋଲି ବିବେଚନା କରାଯାଇଥାଏ। ୨୦୦୭ରେ, ଜଷ୍ଟିସ୍ ରଙ୍ଗନାଥ ମିଶ୍ର ଆୟୋଗ ଦଳିତ ଖ୍ରୀଷ୍ଟିଆନ ଏବଂ ମୁସଲମାନମାନଙ୍କୁ ଏସ୍‌ସି ସଂରକ୍ଷଣ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଜଷ୍ଟିସ ମହାଦେବନ କହିଛନ୍ତି ଯେ ଭାରତ ଏକ ଧର୍ମନିରପେକ୍ଷ ଦେଶ।



ଧାରା ୨୫ ଅନୁଯାୟୀ, ପ୍ରତ୍ୟେକ ନାଗରିକ ନିଜ ପସନ୍ଦର ଧର୍ମ ପାଳନ କରିବାର ଅଧିକାର ପାଇଛନ୍ତି। ଜଣେ ବ୍ୟକ୍ତି ଅନ୍ୟ ଧର୍ମରେ ଯୋଗ ଦେଇଥାଏ ଯେତେବେଳେ ସେ ଏହାର ନୀତି ଏବଂ ଧାରଣା ଦ୍ୱାରା ପ୍ରଭାବିତ ହୁଏ। କିନ୍ତୁ ଯଦି ଧାର୍ମିକ ରୂପାନ୍ତରର ଉଦ୍ଦେଶ୍ୟ କେବଳ ସଂରକ୍ଷଣର ଲାଭ ପାଇବା, ତେବେ ଏହାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହିପରି ଲୋକଙ୍କୁ ସଂରକ୍ଷଣ ପ୍ରଦାନ ସଂରକ୍ଷଣ ନୀତିର ସାମାଜିକ ଉଦ୍ଦେଶ୍ୟକୁ ବିଫଳ କରିବ।ମାଡ୍ରାସ ହାଇକୋର୍ଟର ୨୪ ଜାନୁଆରୀ ୨୦୨୩ର ଆଦେଶକୁ ଆବେଦନକାରୀ ସି ସେଲଭାରାନି ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେଲଭାରାନି କହିଥିଲେ ଯେ ସେ ହିନ୍ଦୁ ଧର୍ମକୁ ମାନନ୍ତି ଏବଂ ଭାଲୁଭାନ ଜାତିର। ଏହି ଜାତି ୧୯୬୪ର ସମ୍ବିଧାନ (ପୁଡୁଚେରୀ) ଅନୁସୂଚିତ ଜାତି ଆଦେଶ ଅଧୀନରେ ଆସିଥାଏ। ତେଣୁ ସେ ଆଦି ଦ୍ରାବିଡ଼ କୋଟା ଅଧୀନରେ ସଂରକ୍ଷଣ ପାଇବାକୁ ହକଦାର। ସେଲଭାରାନି ଯୁକ୍ତି କରିଥିଲେ, ସେ ଜନ୍ମରୁ ହିନ୍ଦୁ ଧର୍ମ ଅନୁସରଣ କରୁଛନ୍ତି ଏବଂ ମନ୍ଦିରକୁ ଯାଇ ହିନ୍ଦୁ ଦେବତାଙ୍କୁ ପୂଜା କରୁଛନ୍ତି। ମହିଳା ଜଣକ ଜଣେ ହିନ୍ଦୁ ପିତା ଏବଂ ଖ୍ରୀଷ୍ଟିଆନ ମାତାଙ୍କଠାରୁ ଜନ୍ମ ହୋଇଥିବା ଅନେକ ଡକ୍ୟୁମେଣ୍ଟ ମାଧ୍ୟମରେ କୋର୍ଟରେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ। ବିବାହ ପରେ ତାଙ୍କ ମା' ମଧ୍ୟ ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ। ତାଙ୍କର ଜେଜେବାପା ଏବଂ ପରଜେଜେବାପାମାନେ ଭାଲୁଭାନ୍ ଜାତିର ଥିଲେ।

# ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ମୁକ୍ତାକାଶ କାରାଗାର କରିବାକୁ ସୁପାରିଶ କଲେ ହାଇକୋର୍ଟ

କଟକ : ରାଜ୍ୟର ପ୍ରତ୍ୟେକ ଜିଲାରେ ମୁକ୍ତାକାଶ କାରାଗାର ପ୍ରତିଷ୍ଠା କରିବାକୁ ଓଡ଼ିଶାର କାରାଗାର ମହାନିର୍ଦ୍ଦେଶକ (ଡିଜି)ଙ୍କୁ ସୁପାରିଶ କରିଛନ୍ତି ହାଇକୋର୍ଟ। ଭାରତର ଅନ୍ୟ ରାଜ୍ୟମାନଙ୍କରେ ଏହି ବ୍ୟବସ୍ଥାର ସଫଳତାକୁ ଦୃଷ୍ଟିରେ ରଖି କୋର୍ଟ ଏହି ସୁପାରିଶ କରିଛନ୍ତି। ଓଡ଼ିଶା ମଧ୍ୟରେ ଏଭଳି ପଦକ୍ଷେପ କିପରି ଆରମ୍ଭ ହୋଇପାରିବ ସେନେଇ ଅନୁସନ୍ଧାନ କରିବାକୁ କୋର୍ଟ ଅନୁରୋଧ କରିଛନ୍ତି। ଏହା ବ୍ୟତୀତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ସମସ୍ତ କଏଦୀଙ୍କ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରିବାକୁ ହାଇକୋର୍ଟ ପ୍ରସ୍ତାବ ଦେଇଛନ୍ତି। ଏହି ବ୍ୟବସ୍ଥା ପ୍ରଶାସନିକ ପ୍ରକ୍ରିୟାଗୁଡ଼ିକୁ ଶୃଙ୍ଖଳିତ କରିବା ଏବଂ ଜେଲ ବ୍ୟବସ୍ଥାରେ ଟ୍ରାକିଂରେ ଉନ୍ନତି ଆଣିବ। ଏହି ପ୍ରସ୍ତାବ ଉପରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଅଧିକାରୀମାନଙ୍କୁ ଏକ ସପ୍ତାହ ସମୟ ଦିଆଯାଇଛି। ଗୃହ



ବିଭାଗ, ଜାତୀୟ ସୂଚନା କେନ୍ଦ୍ର (ଏନଆଇସି) ର ସହଯୋଗରେ ଏହି ଅଗ୍ରଗତି ପାଇଁ ଏକ ଯୋଜନା ପ୍ରସ୍ତୁତ କରିସାରିଛି। ଏହି ଦଣ୍ଡବିଧାନ ବ୍ୟବସ୍ଥାର ଡିଜିଟାଲ ରୂପାନ୍ତରଣରେ ଉଲ୍ଲେଖନୀୟ ବିନିଯୋଗ ପାଇଁ ଏହି ପ୍ରକଳ୍ପର ପ୍ରାରମ୍ଭିକ ପର୍ଯ୍ୟାୟ ପାଇଁ ରାଜ୍ୟ ସରକାର ୨ କୋଟି ଟଙ୍କା ଆବଣ୍ଟନ କରିଛନ୍ତି।

## ନିମ୍ନ ଅଦାଲତର ରାୟ ହାଇକୋର୍ଟରେ ରଦ୍ଦ

# ୧୬ ବର୍ଷ ପରେ ଜେଲରୁ ମୁକୁଳିବେ ବ୍ୟକ୍ତି

କଟକ: ନରହତ୍ୟା ମାମଲାରେ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ୨୦୦୭, ଫେବ୍ରୁଆରି ୧୭ରୁ ଜେଲରେ ଥିବା ସମରା ମହାକୁଡ଼ଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସମରାଙ୍କୁ ଆଜୀବନ ସଶ୍ରମ ଜେଲଦଣ୍ଡ ପ୍ରଦାନ କରି କେନ୍ଦୁଝର ଦୌରା ଜଜ୍ ୨୦୦୮, ଫେବ୍ରୁଆରି ୨୦ରେ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହିତ ସମରାଙ୍କୁ ଅପହରଣ ଓ ହତ୍ୟା ଅଭିଯୋଗରୁ ମୁକ୍ତ କରିଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସମରାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରାୟ ପରେ ପ୍ରାୟ ସାଢେ ୧୬ବର୍ଷ ପରେ ସମରା ଜେଲରୁ ମୁକ୍ତ ହେବା ପାଇଁ ବାଟ ଫିଟିଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୦୭, ଫେବ୍ରୁଆରି ୧୩ ଦିନ ୪ଟା ସମୟରେ ଜଣେ ୭ ବର୍ଷ ବାଳକକୁ କେନ୍ଦୁ ତୋଳିବାକୁ ଡାକି ନେଇ ସମରା ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସଂଧ୍ୟାରେ ସାଇକେଲ ଧରି ସମରା ଏକା ଫେରିଥିଲେ। ବାଳକର ଘରଲୋକ ପଚାରିବାରୁ ସେ ଏକା ଯାଇଥିବା କହିଥିଲେ। ମୃତ ବାଳକର ପରିବାର ସଦସ୍ୟ ସୁଆକାଟି ଫାଣ୍ଡିକୁ ଯାଇ ପୁଲିସକୁ ଜଣାଇଥିଲେ। କେନ୍ଦୁଝର ଦୌରା ଜଜ୍ ମାମଲାର ଶୁଣାଣି କରି ୨୦୦୮, ଫେବୃୟାରୀ ୨୦ରେ ରାୟ ପ୍ରକାଶ କରିଥିଲେ। ଅଦାଲତ ଆଇପିସିର ଦଫା ୩୦୨, ୩୬୪ ଓ ୨୦୧ରେ ସମରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କରାଦଣ୍ଡ ପ୍ରଦାନ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ୨୦୦୮ରେ ସମରା ହାଇକୋର୍ଟରେ ଆବେଦନ କରିଥିଲେ।

## ଡେଣ୍ଟାଲ ସର୍ଜନ ନିଯୁକ୍ତି ଅନିୟମିତତା

# ସଂଶୋଧିତ ତାଲିକା ହାଇକୋର୍ଟରେ ଦାଖଲ

କଟକ: ଡେଣ୍ଟାଲ ସର୍ଜନ ନିଯୁକ୍ତିରେ ହୋଇଥିବା ଅନିୟମିତତା ମାମଲାରେ ଓପିଏସସି ଅଧ୍ୟକ୍ଷ ହାଇକୋର୍ଟରେ ହାଜର ହୋଇଛନ୍ତି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ଅଧ୍ୟକ୍ଷ ସୋମବାର କୋର୍ଟଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ହାଜର ହେବା ସହ ଅଧ୍ୟକ୍ଷ କୋର୍ଟଙ୍କ ସମ୍ମୁଖରେ ସଂଶୋଧିତ ଡେଣ୍ଟାଲ ସର୍ଜନ ମେଧା ତାଲିକା ଦାଖଲ କରିଥିଲେ। ଏହି ତାଲିକାକୁ କାଲି ସୁଦ୍ଧା ଓପିଏସସି ନିଜର ଅଫିସିଆଲ ୱେବସାଇଟରେ ଅପଲୋଡ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ପୂର୍ବ ତାଲିକାରେ କାହାକୁ ନିଯୁକ୍ତି ଦିଆଯାଇଛି, ସେନେଇ ହାଇକୋର୍ଟ ତଥ୍ୟ ଲୋଡିଛନ୍ତି । ଏଥିସହ ସରକାରଙ୍କୁ ନିଯୁକ୍ତି ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।୨୦୨୦ରେ,



ବିଶେଷଜ୍ଞ କମିଟି ଓପିଏସସିରେ ଏକ ରିପୋର୍ଟ ଦାଖଲ କରିଥିଲେ । ଏଥିରେ ଦର୍ଶାଯାଇଥିଲା ଯେ ୧୨ଟି ପ୍ରଶ୍ନର ଭୁଲ ଉତ୍ତର ଅଛି। ଏହା ପରେ, ଓପିଏସସି ପକ୍ଷରୁ ପୁନର୍ବାର ମେଧା ତାଲିକା ପ୍ରସ୍ତୁତ କରାଯାଇଥିଲା। ଯେଉଁଥିରେ କେବଳ ଜଣେ ଆଶାୟୀ ଯୋଗ୍ୟ ବିବେଚିତ ହୋଇଥିଲେ ।ଏହି ମାମଲାର ଶୁଣାଣି କରି ଏକକ କୋର୍ଟ ଦେଇଥିବା ନିଯୁକ୍ତି ନିର୍ଦ୍ଦେଶକୁ ଓପିଏସସି ଅବମାନନା କରି ସମ୍ବିଧାନିକ ପୀଠକୁ ଯାଇଥିଲେ । ସମ୍ବିଧାନିକ ପୀଠ ମାମଲାର ଶୁଣାଣି କରିବା ସହ ସଂଶୋଧିତ ତାଲିକା ଦାଖଲ କରିବାକୁ ବାରମ୍ବାର ତାଗିଦ କରିଥିଲେ । କିନ୍ତୁ ସବୁ ଥର ଓପିଏସସି ଏହି ନିର୍ଦ୍ଦେଶକୁ ଏଡାଇଚାଲିଥିଲେ ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର